

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୧ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 01 JULY 2025

Vol.No. 36 ■ No.172 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ: ୩ ଜଣଙ୍କୁ ବାନ୍ଧିଲା ପୋଲିସ

- ଧାରଣାରେ ବସିଲେ କର୍ମଚାରୀ
- ଜନପଥ ଜାମ୍ କଲା ବିଜେଡ଼ି
- ନବୀନ ପଟ୍ଟନାୟକଙ୍କ ତୀବ୍ର ନିନ୍ଦା

ଭୁବନେଶ୍ୱରଭୁବନେଶ୍ୱର, ୩୦/୬ (ନି.ପ୍ର): ବିଏମସି ଅଫିସ୍‌ରେ ପଶି ଆକ୍ରମଣ ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅତିରିକ୍ତ କମିଶନରଙ୍କୁ ଆକ୍ରମଣ କରିଥିବା ଖାରବେଳନଗର ଥାନାରେ ଏତଲା ଆଧାରରେ ଗିରଫ କରାଯାଇଛି। କଡ଼ା ଆଇନରେ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସୋମବାର ନିଜ ଅଫିସରେ କିଛି ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାଟି ସେତେବେଳେ ଘଟିଥିଲା ଯେତେବେଳେ ସାହୁ ଗ୍ରୀଭାନ୍ସ ରିଡ୍ରେସାଲ ବୈଠକରେ ବ୍ୟସ୍ତ ଥିଲେ। ରିପୋର୍ଟ ଅନୁସାରେ, ଛଅ ଜଣ ଅଜଣା ଯୁବକ ସାହୁଙ୍କ ଚାମ୍ବରକୁ ଅନଧିକୃତ ଭାବେ ପ୍ରବେଶ କରି ବିନା କାରଣରେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣର ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଘଟଣାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ଘଟଣା ପ୍ରତିକ୍ରିୟା ରଖି ରତ୍ନାକର ସାହୁ କହିଛନ୍ତି, "ଆକ୍ରମଣକାରୀମାନେ ମୋ ପାଇଁ ଅଜଣା। ମୁଁ ଏହି ଘଟଣା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବି ଏବଂ ଶୀଘ୍ର ଏକ ଏଫଆଇଆର ଦାଖଲ କରାଯିବ।" ପ୍ରତିବାଦରେ ବିଏମସି କର୍ମଚାରୀମାନେ ଅଫିସ ପରିସରରେ ଧାରଣା ଦେଇଥିଲେ ଏବଂ ଦିନସାରା କାମ ବନ୍ଦ ରଖିଥିଲେ। ସେମାନେ ଅପରାଧୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ ନାଗରିକ କର୍ମଚାରୀଙ୍କ ପାଇଁ ଉନ୍ନତ ସୁରକ୍ଷା ବ୍ୟବସ୍ଥା ଦାବି କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଅଫିସ ଭିତରେ ଆକ୍ରମଣ ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତୀବ୍ର ନିନ୍ଦା କରିଛନ୍ତି। ଏହି ଘଟଣାର ଭିଡିଓ ଦେଖି ସେ ମର୍ମାହତ ହୋଇଥିବା କହିଛନ୍ତି। ନବୀନ କହିଛନ୍ତି, "ଅତିରିକ୍ତ ସଚିବ ସ୍ତରର ଜଣେ ବରିଷ୍ଠ ଅଧିକାରୀ ରତ୍ନାକର ସାହୁଙ୍କୁ ତାଙ୍କ ଅଫିସରୁ ଟାଣି ବାହାର କରାଯାଇ ଜଣେ ଭାଜପା କର୍ପୋରେଟରଙ୍କ ଉପସ୍ଥିତିରେ ନିର୍ମମ ଆକ୍ରମଣ କରାଯାଇଛି, ଯିଏ ଜଣେ ପରାଜିତ ଭାଜପା ବିଧାୟକ ପ୍ରାର୍ଥୀଙ୍କ ସହ ଜଡ଼ିତ ବୋଲି ଅଭିଯୋଗ ରହିଛି। ଏହା ଦିବାଲୋକରେ ରାଜଧାନୀ ଭୁବନେଶ୍ୱରରେ ଘଟିଥିବା ଅତ୍ୟନ୍ତ ନିନ୍ଦନୀୟ।"

# ଜୁଲାଇ ମାସରୁ ଚାଉଳ ବନ୍ଦ: ଇ-କେୱାଇସି କରିନଥିଲେ ମିଳିବନି ରାସନ

ଭୁବନେଶ୍ୱର, ୩୦/୬ (ନି.ପ୍ର): ପୁରିଲା କଣ୍ଠ, ଏଥର କଠୋର ଆଭିମୁଖ୍ୟ ଦେଖାଇଛନ୍ତି ସରକାର। ୨୦୨୪ ଅଗଷ୍ଟ ମାସରୁ ଇ-କେୱାଇସି ପାଇଁ ତାରିଖ ପରେ ତାରିଖ ଧାର୍ଯ୍ୟ କରିଆସୁଥିଲେ ରାସନ କାର୍ଡ ହିତାଧିକାରୀଙ୍କ ପାଇଁ। ଏଥର କିନ୍ତୁ ସମୟ ଅବଧି ବଢାଇଲାନି ଯୋଗାଣ ବିଭାଗ । ଜୁନ ଶେଷ ସୁଦ୍ଧା ୨୧ ଲକ୍ଷ ୫୮ ହଜାର ହିତାଧିକାରୀ ଇ-କେୱାଇସି କରିନାହାନ୍ତି । ଚଳିତ ମାସରୁ ଇ-କେୱାଇସି କରିନଥିବା ହିତାଧିକାରିଙ୍କୁ ଚାଉଳ ମିଳିବନି ବୋଲି ରୋକଠୋକ ଭାବେ ଶୁଣାଇଛନ୍ତି ମନ୍ତ୍ରୀ କୃଷ୍ଣ ପାତ୍ର । କହିଛନ୍ତି ତିନି ମାସ ପର୍ଯ୍ୟନ୍ତ ରାସନ ଯୋଗଣା ବନ୍ଦ ରହିବ । ଯଦି ତିନିମାସ ଭିତରେ ଇ-କେୱାଇସି ନ କରନ୍ତି ତାହା ହେଲେ ରାସନ କାର୍ଡରୁ ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ବାଦ ଦିଆଯିବ । ଓଡିଶା ବାହାରେ ରହୁଥିବା ▶▶ପୃଷ୍ଠା ୭

# ତେଲଙ୍ଗାନା କେମିକାଲ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ: ୧୦ ମୃତ

ନୂଆଦିଲ୍ଲୀ,୩୦/୬ : ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଥିବା ସିଗାଚ୍ଚି କେମିକାଲ କାରଖାନାରେ ଆଜି ସକାଳ ୯ଟା ବେଳେ ଭୟଙ୍କର ବିସ୍ଫୋରଣ ଘଟିଛି। ବର୍ତ୍ତମାନ ସୁଦ୍ଧା ବିସ୍ଫୋରଣ ଯୋଗୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ▶▶ପୃଷ୍ଠା ୭

# ପ୍ଲଟ ପ୍ରିୟ ସରକାରୀ ବାବୁ: ଲାଞ୍ଚ ଟଙ୍କାରେ କରିଛନ୍ତି ୫୭ ଏକର ଜମି, ୨ ଫାର୍ମହାଉସ୍

ଭୁବନେଶ୍ୱର/ଭବାନୀପାଟଣା, ୩୦/୬ (ନି.ପ୍ର): ମୃତ୍ତିକା ସଂରକ୍ଷଣ ଏବଂ ଜଳଛାୟା ବିକାଶ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ରେଡ୍ କରିଛି। ଏହି ରେଡ୍‌ରେ ଦୟାନିଧିଙ୍କ ନାଁରେ ୫୭ ଏକର ଜମି, ଦୁଇଟି ଫାର୍ମହାଉସ୍, ଏକ ସପିଂ କମ୍ପ୍ଲେକ୍ସ ଏବଂ ବେନାମୀ ଗାଡ଼ି ଠାବ ହୋଇଛି। ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି ଯେ, ଦୟାନିଧିଙ୍କ ନାଁରେ ଭୁବନେଶ୍ୱର ଗୋଠପାଟଣାରେ ଏକ ୩-ବିଏଚକେ ଫ୍ଲାଟ, ଚନ୍ଦ୍ରଶେଖରପୁରରେ ଏକ ବିଲ୍ଡିଂ, ନବରଙ୍ଗପୁରରେ ୩ ହଜାର ବର୍ଗଫୁଟର ଏକ ନିର୍ମାଣାଧୀନ କୋଠା ଏବଂ ଏକ ସପିଂ କମ୍ପ୍ଲେକ୍ସ ରହିଛି। ଏହା ସହ ନବରଙ୍ଗପୁରରେ ୪୦ ଏକରର ▶▶ପୃଷ୍ଠା ୭

# ବନ୍ୟାରେ ଉବୁଟୁବୁ ଉତ୍ତର ଓଡ଼ିଶା: ଡର ବଢ଼ାଇଲା ଆଗକୁ ୪ ଦିନ ବଡ଼ ବର୍ଷା

ବାଲେଶ୍ୱର, ୩୦/୬ (ନି.ପ୍ର): ସପ୍ତାହେ ଯାଇନି, ବାଲେଶ୍ୱର ଜିଲ୍ଲାରେ ପୁଣି ଆସିଛି ପ୍ରଳୟଙ୍କାରୀ ବନ୍ୟା। ପ୍ରଭାବିତ ହୋଇଛନ୍ତି ଜିଲ୍ଲାର ୬ଟି ବ୍ଲକର ପ୍ରାୟ ୩୦ରୁ ଅଧିକ ପଞ୍ଚାୟତ। ଏଥର ସୁବର୍ଣ୍ଣରେଖା ସମେତ ବୁଢାବଳଙ୍ଗ ଓ ଜଳକାରେ ଏକାବେଳକେ ବନ୍ୟା ଆସିଥିବାରୁ ନାକେଦମ ହୋଇଛନ୍ତି ବାଲେଶ୍ୱର ଜିଲ୍ଲାବାସୀ। ସେପଟେ ମୟୂରଭଞ୍ଜ ଜିଲ୍ଲାର କିଛି ଅଞ୍ଚଳ ମଧ୍ୟ ବୁଢାବଳଙ୍ଗରେ ବନ୍ୟା ପାଇଁ ପ୍ରଭାବିତ ହୋଇଛି। ତେବେ ବନ୍ୟା ସ୍ଥିତି ନିୟନ୍ତ୍ରଣାଧୀନ ଥିବା ରାଜସ୍ୱ ମନ୍ତ୍ରୀ କହିଥିବା ମୁକାବିଲା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଥିବା କହିଛନ୍ତି। ଭାସୁଛି ବାଲେଶ୍ୱର। ବୁଡ଼ିଛି ଉତ୍ତର ଓଡ଼ିଶାର ପ୍ରାଣକେନ୍ଦ୍ର। ସପ୍ତାହକ ଭିତରେ ଦ୍ୱିତୀୟ ଥର ବନ୍ୟାରେ ▶▶ପୃଷ୍ଠା ୭

## ମଣିପୁରରେ ତିନି ଉଗ୍ରବାଦୀ ଗିରଫ

ନୂଆଦିଲ୍ଲୀ,୩୦/୬ :ଉଗ୍ରବାଦ ବିରୋଧୀ ଅଭିଯାନ ସମୟରେ ସୁରକ୍ଷାବାହିନୀ ବିଭିନ୍ନ ନିଷିଦ୍ଧ ସଂଗଠନର ତିନିଜଣ ଉଗ୍ରବାଦୀଙ୍କୁ ଗିରଫ କରାଯାଇଛି। ଏହା ବ୍ୟତୀତ ଗୋଟିଏ ବୋମାକୁ ସୁରକ୍ଷିତ ଭାବରେ ନିଷ୍କ୍ରିୟ କରାଯାଇଛି। ପୋଲିସ ମୁଖପାତ୍ର ସୋମବାର କହିଛନ୍ତି ଯେ ଇମ୍ଫାଲ ପଶ୍ଚିମ ଜିଲ୍ଲାରେ ଏକ ମିଳିତ ଟିମ ଲାମଡେଙ୍ଗଅବାଙ୍ଗ ଲୋଇକାଇରୁ ଏକ ଉଗ୍ରବାଦୀ ୟୁମନାମ ପ୍ରେମକୁମାର ସିଂହ ଓରଫ ନୋଙ୍ଗଥାଙ୍ଗ (୩୧)ଙ୍କୁ ଗିରଫ କରିଛନ୍ତି। ତାଙ୍କ ବିରୁଦ୍ଧରେ ଦାଦାବଟି ▶▶ପୃଷ୍ଠା ୭

## ପୋଲିସ ଗୁଳିରେ ୨ ଦୁର୍ଦ୍ଦାନ୍ତ ମାଓବାଦୀ ନିହତ

ଭୁବନେଶ୍ୱର, ୩୦/୬ (ନି.ପ୍ର): ମାଓବାଦୀ ଦମନ ଅଭିଯାନ କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ପୋଲିସକୁ ଆଜି ଏକ ବଡ଼ ସଫଳତା ମିଳିଛି। ଏହି ଅଭିଯାନରେ ୨ ଜଣ ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ଘଟଣାସ୍ଥଳରୁ ଗୋଟିଏ ରାଇଫଲ, ରିଭଲଭର, ଜୀବନ୍ତ ଗୁଳି, ୱାକି ଟକି, ବ୍ୟାଟେରୀ ଏବଂ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରାଯାଇଛି। ମୃତ୍ୟୁବରଣ କରିଥିବା ଉଭୟ ମାଓବାଦୀ ମଙ୍କୁ ଏବଂ ଚନ୍ଦନ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। କନ୍ଧମାଳ ଜିଲ୍ଲାରେ ସକ୍ରିୟ ଥିବା ମାଓବାଦୀ ଗ୍ରୁପର ମଙ୍କୁ ଏସିଏମ୍ କ୍ୟାଡର ଏବଂ ଚନ୍ଦନ ପାର୍ଟି ସଦସ୍ୟ ବୋଲି ପୋଲିସ ପ୍ରାରମ୍ଭିକ ସୂଚନା ପାଇଛି। ସମ୍ପୃକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି। ଉଲ୍ଲେଖ ଯୋଗ୍ୟ ଯେ, ବାଲିଗୁଡା ଥାନା ଅଧୀନ ପୁରାଣଜିଆବ ସଂରକ୍ଷିତ ଜଙ୍ଗଲ ନିକଟରେ କିଛି ମାଓବାଦୀ ଲୁଚି ରହିଥିବା ସଂକ୍ରାନ୍ତରେ ଜିଲ୍ଲା ପୋଲିସର ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ▶▶ପୃଷ୍ଠା ୭

# ଜନ୍ମବେଦୀରେ ଦର୍ଶନ ଦେଉଛନ୍ତି ଶ୍ରୀଜିଉ: ଆଡପ ଅବଢ଼ା ପାଇ କୃତ୍ୟ କୃତ୍ୟ ଶ୍ରଦ୍ଧାଳୁ

ଭୁବନେଶ୍ୱର, ୩୦/୬ (ନି.ପ୍ର): ବର୍ଷକର ଅପେକ୍ଷା ପରେ ପୁଣି ଆସିଛି ସେହି ଦିବ୍ୟ ମୂହୁର୍ତ୍ତ । ଗତକାଲି ମହାଆଡମ୍ବରରେ ଗୋଟି ପହଣ୍ଡିରେ ଯାଇ ଚତୁର୍ଦ୍ଧାମୂର୍ତ୍ତି ଆଡପମଣ୍ଡପକୁ ବିଜେ କରିବା ପରେ ଆଜି ଦର୍ଶନ ଦେଉଛନ୍ତି । ଜନ୍ମବେଦୀରେ ମହାପ୍ରଭୁଙ୍କ ଦର୍ଶନ କରି ଭାବବିହ୍ୱଳ ଭକ୍ତ । କାଳିଆ ଠାକୁରଙ୍କ ଦୁର୍ଲଭ ଦର୍ଶନ କରି ପୁଲକିତ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ । ଶ୍ରୀଗୁଣ୍ଡିଚା ମନ୍ଦିରରେ ବାହାରିଛି ଆଡ଼ପ ଅବଢା । ମହାପ୍ରସାଦ ଖାଇବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ▶▶ପୃଷ୍ଠା ୭

# ମଜବୁତ ହେବ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ

ନୂଆଦିଲ୍ଲୀ,୩୦/୬ : ମଜବୁତ ହେବ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ । ଜୁଲାଇ ୮ ପୂର୍ବରୁ ଭାରତ-ଆମେରିକା ମଧ୍ୟରେ ବଡ଼ ବାଣିଜ୍ୟିକ ଚୁକ୍ତି ସମ୍ଭାବନା ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଭାରତ ସହିତ ବାଣିଜ୍ୟିକ ଚୁକ୍ତିକୁ ନେଇ ବୟାନ ଦେଇଥିଲେ । ସେ କହିଥିଲେ ଯେ, ଶୀଘ୍ର ଭାରତ ସହିତ ବାଣିଜ୍ୟିକ ଚୁକ୍ତିନାମା ହେବାକୁ ଯାଉଛି । ଏହି ପ୍ରସଙ୍ଗରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରତିକ୍ରିୟା ଦେଇଛନ୍ତି । ସେ ଆମେରିକା ସହିତ ଟ୍ରେଡ ଡିଲ୍ ପ୍ରସଙ୍ଗରେ ଭାରତ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ନିର୍ମଳା କହିଛନ୍ତି ଭାରତକୁ ଆମେରିକା ସହିତ ଭଲ ଡିଲ୍ କରିବା ଜରୁରୀ, ମାତ୍ର ଏହାକୁ ନେଇ କିଛି ସର୍ତ୍ତ ବି ରହିବ । ଭାରତରେ କୃଷି ଓ ଡାଏରୀ ସେକ୍ଟର ପାଇଁ ଏବେ ନିଶ୍ଚିତ ସୀମା ରହିଛି । ଏହା ଉପରେ ବିଚାର ଜରୁରୀ । ସବୁ ଦିଗକୁ ଦୃଷ୍ଟିରେ ରଖି ଆମେରିକା ସହ ଭଲ ଚୁକ୍ତିନାମା କରିବାକୁ ପଡ଼ିବ । ନିକଟରେ ଟ୍ରମ୍ପ କହିଥିଲେ ଯେ, ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ଚୁକ୍ତିକୁ ନେଇ ସ୍ଥିତି ଜୁଲାଇ ୮ ତାରିଖ ସୁଦ୍ଧା ଚିତ୍ର ସ୍ପଷ୍ଟ ହୋଇଯିବ । ଟ୍ରମ୍ପଙ୍କ ମତରେ ଭାରତ ଓ ଆମେରିକା ମଧ୍ୟରେ ଟ୍ରେଡ ଡିଲକୁ ନେଇ ଥିବା ସମସ୍ତ ବାଧା ଶୀଘ୍ର ଦୂର ହୋଇପାରେ । ଚୁକ୍ତିନାମାରେ ଆଇଟି, ମ୍ୟାନୁଫେକଚରିଂ ଓ ସର୍ଭିସେସ୍ ସହିତ ଅଟୋମୋବାଇଲ ସେକ୍ଟର ବି ସାମିଲ । ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ଚୁକ୍ତିକୁ ନେଇ ଅଦ୍ୟାବଧି ସ୍ଥିତି ସ୍ପଷ୍ଟ ହୋଇ ନାହିଁ । ଏହି ପ୍ରସଙ୍ଗରେ ଶୀଘ୍ର କିଛି ବଡ଼ ଖବର ଆସିପାରେ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ପାରସ୍ପରିକ ଶୁଳ୍କ ପାଇଁ ସମୟ ସୀମା ଜୁଲାଇ ୯ ରେ ଶେଷ ହେଉଛି । ଏହି ସମୟରେ ଟ୍ରମ୍ପ ଶୁଳ୍କ ସମ୍ପର୍କରେ ଏକ ବଡ଼ ବୟାନ ଦେଇଛନ୍ତି । ଆମେରିକା ▶▶ପୃଷ୍ଠା ୭

# ବଦଳିବେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ: ସିଦ୍ଧରମୈୟାଙ୍କ ହାତରୁ ଯିବ ଶାସନ କ୍ଷମତା

ନୂଆଦିଲ୍ଲୀ,୩୦/୬ : କର୍ଣ୍ଣାଟକ ରାଜନୀତିରେ ବଡ଼ ହଲଚଲ । ଖୁବଶୀଘ୍ର ବଦଳିପାରନ୍ତି ମୁଖ୍ୟମନ୍ତ୍ରୀ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବୟାନ ପରେ ସିଦ୍ଧରମୈୟାଙ୍କ ହାତରୁ ଶାସନ କ୍ଷମତା ଯିବା ନେଇ ଚାଲିଥିବା ଚର୍ଚ୍ଚା ଏବେ ଜୋର ଧରିଛି । କିଛିଦିନ ହେବ କର୍ଣ୍ଣାଟକ ରାଜନୀତିରେ ଚାଲିଥିବା ଶୀତଳ ଯୁଦ୍ଧକୁ ନେଇ ଏବେ ଆକ୍ସନ ମୋଡରେ କଂଗ୍ରେସ ହାଇକମାଣ୍ଡ। ନେତୃତ୍ୱ ପରିବର୍ତ୍ତନ ଓ କ୍ୟାବିନେଟ ସମ୍ପ୍ରସାରଣ ପାଇଁ ବିଚାର କରାଯାଉଥିବା ସଙ୍କେତ ମିଳିଛି । ଦଳର ବରିଷ୍ଠ ନେତା ତଥା କର୍ଣ୍ଣାଟକ ପ୍ରଭାରୀ ରଣଦୀପ ସୁରଜେୱାଲ ବେଙ୍ଗାଲୁରୁରେ ବିଧାୟକଙ୍କ ସହ ୱାନ ଟୁ ୱାନ ବୈଠକ କରିଛନ୍ତି । ବୈଠକର ପଛର କାରଣ ଦଳର ଆଭ୍ୟନ୍ତରୀଣ କନ୍ଦଳ ବୋଲି କୁହାଯାଉଛି । ସିଦ୍ଧରମୈୟାଙ୍କୁ ନେଇ କିଛି ବିଧାୟକ ଅସନ୍ତୁଷ୍ଟ ଅଛନ୍ତି । ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସହ ସିଦ୍ଧରମୈୟାଙ୍କ ନିରବ ଝଗଡ଼ା ଚାଲିଛି, ଯାହା ହାଇକମାଣ୍ଡଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି । ସରକାର ବଦଳିବା ନେଇ ନିକଟରେ ସଙ୍କେତ ଦେଇଥିଲେ ମନ୍ତ୍ରୀ କେଏନ୍ ରାଜନ୍ନା । ସେପଟ୍ଟେମ୍ବର ସୁଦ୍ଧା ସତ୍ତା ପରିବର୍ତ୍ତନ ନେଇ ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଅନ୍ୟପଟେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଆଜି ବୟାନ ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚାକୁ ଅଧିକ ତୀବ୍ର କରିଛି । କର୍ଣ୍ଣାଟକ କଂଗ୍ରେସ ମନ୍ତ୍ରୀମଣ୍ଡଳ ଆଗାମୀ ଅକ୍ଟୋବର ୨୦୨୫ରେ ଅଢ଼େଇବର୍ଷ କାର୍ଯ୍ୟକାଳ ପୂରଣ କରିବ । ଗତ ବିଧାନସଭା ନିର୍ବାଚନ ପରେ ସିଦ୍ଧରମୈୟା ଓ ଶିବକୁମାର ଉଭୟ ଅଢ଼େଇବର୍ଷ ଲେଖାଏଁ ମୁଖ୍ୟମନ୍ତ୍ରୀ ପଦ ପାଇବେ ବୋଲି ହାଇକମାଣ୍ଡ ପାଖରେ ଏକ ଅଲିଖିତ ଚୁକ୍ତି ହୋଇଥିଲା । ତେଣୁ ଏହି ସମୟ ଯେତିକି ପାଖେଇ ଆସୁଛି ସେହି ଅନୁପାତରେ କର୍ଣ୍ଣାଟକ କଂଗ୍ରେସର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ବଢୁଛି । ବର୍ତ୍ତମାନ ଉପମୁଖ୍ୟମନ୍ତ୍ରୀ ଶିବକୁମାର ଚୁପ ଅଛନ୍ତି ।

# ଗାନ୍ଧୀ ଆଦର୍ଶର ମୂର୍ତ୍ତୀମନ୍ତ ପ୍ରତୀକ ଥିଲେ ଦୋଳଗୋବିନ୍ଦ ପ୍ରଧାନ

ଭୁବନେଶ୍ୱର, ୩୦/୦୬ (ନି।ପ୍ର): ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ, ଗାନ୍ଧୀମଣିଷ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ୯୯ତମ ଜନ୍ମୋତ୍ସବ ଶନିବାର ସନ୍ଧ୍ୟାରେ ବୁଦ୍ଧ ମନ୍ଦିର ସଭାଗୃହରେ ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବରିଷ୍ଠ ରାଜନେତା, ଇଷ୍ଟର୍ଣ୍ଣ ମିଡ଼ିଆର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ, ଗାନ୍ଧୀ ଆଦର୍ଶର ମୂର୍ତ୍ତୀମନ୍ତ ପ୍ରତୀକ ଥିଲେ ଗାନ୍ଧୀ ମଣିଷ ଦୋଳଗୋବିନ୍ଦ ପ୍ରଧାନ। ସେ କେବଳ ଜଣେ ସ୍ୱାଧୀନଚେତା ମଣିଷ ନଥିଲେ, ସେ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ, ନିଜ ଲୋକପ୍ରିୟତାର ଶୀର୍ଷରେ ଥିଲେ ସେ। ୱାର୍ଡ଼ମେମ୍ବରରୁ ସରପଂଚ, ପଂଚାୟତ ସମିତି, ଚେୟାରମ୍ୟାନ, ବିଧାୟକ ଓ ମନ୍ତ୍ରୀ ହୋଇ ପାରିଥିଲେ। ଶ୍ରଦ୍ଧାଞ୍ଜଳି ଜଣାଇ ଓଡ଼ିଶା ଉଚ୍ଚନ୍ୟାୟାଳୟର ପୂର୍ବତନ ବିଚାରପତି ନ୍ୟାୟମୂର୍ତ୍ତୀ ଦେବବ୍ରତ ଦାଶ କହିଲେ ଯେ, ସ୍ୱାଧୀନତା ସଂଗ୍ରାମ ସମୟରେ ଜଣେ ୮ମ ଶ୍ରେଣୀର ଛାତ୍ର ତିନିବର୍ଷରୁ ଊର୍ଦ୍ଧ୍ୱ ଜେଲ୍ ଜୀବନ କଟାଇବା ଓଡ଼ିଶା ଇତିହାସରେ ଏକ ପ୍ରମୁଖ ଘଟଣା। ଜେଲ ଜୀବନ ହିଁ ତାଙ୍କର ଥିଲା ପ୍ରକୃତ ଶିକ୍ଷାକ୍ଷେତ୍ର। ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଠାରୁ ସେ ଜେଲ୍ ଭିତରେ ଯାହା ଶିକ୍ଷା କରିଥିଲେ, ଭାରତ ସ୍ୱାଧୀନତା ହେବା ପରେ ସେ ତାକୁ ସାଧାରଣ ଜନତାଙ୍କ ନିକଟରେ ପ୍ରୟୋଗ କରି ସଫଳ ହୋଇଥିଲେ। ଶ୍ରଦ୍ଧାଞ୍ଜଳି ଜଣାଇ ବରିଷ୍ଠ ପୂର୍ବ ପ୍ରଶାସକ ଅରବିନ୍ଦ ବେହେରା କହିଲେ ଯେ, ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ନୀତିନିଷ୍ଠ ଏକଯୋଗୀ ପୁରୁଷର ଜୀବନ ଯାପନ କରୁଥିଲେ। ବିନା ଔଷଧରେ ୯୩ ବର୍ଷ ବଂଚିବା ଆଜିର ସମାଜରେ ଏକ ବିରଳ ଘଟଣା।

ମୁଖ୍ୟବକ୍ତା ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ସ୍ୱର୍ଗତ ପ୍ରଧାନଙ୍କୁ ଜଣେ କାଳଜୟୀ ନେତା ଭାବେ ବର୍ଣ୍ଣନା କରିଥିଲେ। ଗାନ୍ଧୀ ମଣିଷ ଦୋଳଗୋବିନ୍ଦ ମରିଯାଇଛନ୍ତି ସତ, କିନ୍ତୁ ତାଙ୍କ 'ଗାନ୍ଧୀ କଥା' ପୁସ୍ତକ ତାଙ୍କୁ ସବୁଦିନ ପାଇଁ ଜୀବିତ କରି ରଖିବ। ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକ ବର୍ଷରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଗାନ୍ଧୀବାଦୀ, ବରିଷ୍ଠ ସାମ୍ବାଦିକ, ସମାଜସେବୀ, କର୍ମଗୁରୁ ନେତା ଗୌରାଙ୍ଗ ଚରଣ ହୋତାଙ୍କୁ 'ଗାନ୍ଧୀ ଗୌରବ ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ଶେଷରେ ଟ୍ରଷ୍ଟି ପୁଷ୍କରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଟ୍ରଷ୍ଟି ପ୍ରଜ୍ଞାରାଜ ପ୍ରଧାନ ପରିଚାଳନା କରିଥିଲେ।ପୂର୍ବାହ୍ନରେ ଓଡ଼ିଶା ସରକାରଙ୍କ ସ୍ମୃତିବନଠାରେ ବୃକ୍ଷପୂଜା କରାଯାଇଥିଲା ଓ ଦୟାନନ୍ଦ ଆଦର୍ଶ ଗୁରୁକୁଳ ଠାରେ ବୈଦିକ ଶାନ୍ତିଯଜ୍ଞ ସହ ପ୍ରସାଦ ବଂଟନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୁରୁକୁଳର ବ୍ରହ୍ମଚାରୀମାନେ ବେଦପାଠ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ରମେଶଚନ୍ଦ୍ର ପାତାଳସିଂହ, ପୃଥ୍ୱୀରାଜ ପ୍ରଧାନ, ଅଶୋକ କୁମାର ମିଶ୍ର, ଶାରଦା ପ୍ରସନ୍ନ ପରିଜା, କସ୍ତୁଭ ପ୍ରଧାନ, ପୂର୍ବତନ ରେଞ୍ଜ ଅଫିସର ରଶ୍ମୀରେଖା ପରିଡ଼ା, ବିଜୟ ବିଶ୍ୱାଳ, ଜିତେନ୍ଦ୍ର ମହାନ୍ତି, ଅଜିତ ରଞ୍ଜନ ପାଲଟାସିଂହ, ଅମୂଲ୍ୟ ଜେନା ପ୍ରମୁଖ ସହଯୋଗ କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଙ୍କ ଅଶୋକ ବିଶ୍ୱାଳ, ଓକିଲ ମନୋଜ ସାହୁ, ରୁଦ୍ର ନାରାୟଣ ଦାସ, ପ୍ରତାପ ଚନ୍ଦ୍ର ମଲ୍ଲିକ, ପ୍ରଭାତ କୁମାର ଖଟୁଆ, ନାରାୟଣ ଚନ୍ଦ୍ର ମହାନ୍ତି, ଶରତ କୁମାର ରାୟ, ଅଜୟ କୁମାର ମହାନ୍ତି, ବିନୋଦ ବିହାରୀ ବେହେରା, ଙ୍କ ସେବକ ଶ୍ରୀକାନ୍ତ କୁମାର ବେହେରା, ଅଭୟ କୁମାର ଦାସ, ବସନ୍ତ କୁମାର ପଣ୍ଡା, ଶ୍ରୀମତୀ ସୁନିତା ଦେବତା, ରବୀନ୍ଦ୍ରନାଥ ଦାସ ଓ ବିଭୂତି ଭୂଷଣ ପ୍ରଧାନଙ୍କୁ ପ୍ରଶଂସା ପତ୍ର ଓ ସାଲ୍ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶ୍ରୀ ଗୁଣ୍ଡିଚାରେ ଶ୍ରୀ ତାଳଧ୍ୱଜ ପତ୍ରିକା ଲୋକାର୍ପିତ

କେନ୍ଦ୍ରାପଡା, ୩୦/୦୬ (ନି।ପ୍ର): ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ଘୋଷଯାତ୍ରା ଅବସରରେ ପତ୍ରିକା ଶ୍ରୀ ତାଳଧ୍ୱଜ ଲୋକାର୍ପଣ କରାଯାଇଛି । ପତ୍ରିକାର ମୁଖ୍ୟ ସମ୍ପାଦକ ସାମ୍ବାଦିକ ଦେବେନ୍ଦ୍ର ସୁଆର, ସମ୍ପାଦକ ସରୋଜ କୁମାର ମହାନ୍ତି, ପତ୍ରିକାର ଉପଦେଷ୍ଟା ପ୍ରଫେସର ଭୁବନ ମୋହନ ଜେନାଙ୍କ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଶ୍ରୀ ବଳଦେବଜୀଉ ଏଣ୍ଟାଉମେଣ୍ଟର ଟ୍ରଷ୍ଟି ଆଡଭୋକେଟ୍ ଧୀରେନ୍ ସାହୁ, ପଣ୍ଡିତ ହୃଷିକେଶ ରଥ, ନୃସିଂହ ପ୍ରସାଦ ପତ୍ରୀ, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, କିଶୋର କୁମାର ପଣ୍ଡା ପ୍ରମୁଖଙ୍କ ସମେତ ବହୁ ସ୍ଥାନୀୟ ଜନତା ଉପସ୍ଥିତ ଥିଲେ ।

# ଅର୍ବାନ କୋ - ଅପରେଟିଭ ବ୍ୟାଙ୍କ ଲିମିଟେଡ୍‌ର ୩୦ ତମ ସାଧାରଣ ସଭା

କେନ୍ଦ୍ରାପଡ଼ା, ୩୦/୦୬ (ନି।ପ୍ର): କେନ୍ଦ୍ରପଡା ଅର୍ବାନ କୋଅପରେଟିଭ ବ୍ୟାଙ୍କର ୩୦ ତମ ବାର୍ଷିକ ଉତ୍ସବ ଏବଂ ସାଧାରଣ ସଭା ଉଦୟନଗର ସ୍ଥିତ ସଂସ୍କୃତି ଭବନ ପରିସରରେ ଜୁନ ୨୯ ତାରିଖରେ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ କେନ୍ଦ୍ରାପଡାର ଆରାଧ ଦେବତା ଶ୍ରୀ ଶ୍ରୀ ବଳଦେବଜୀୟୁ, ସମବାୟର ଆନ୍ଦୋଳନର ମୁଖ୍ୟ ପୁରଧା ମଧୁବାବୁ ଏବଂ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି ଙ୍କ ଫଟୋରେ ପୁଷ୍ପମାଳ ଦେଇ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରାଯାଇଥିଲା। ପ୍ରଥମେ ବ୍ୟାଙ୍କର ପ୍ରତିଷ୍ଠାତା ନିଦ୍ଧେଶକ ଓ ପୂର୍ବତନ ନିଦ୍ଧେଶକମାନଙ୍କୁ ସମ୍ବଦ୍ଧିତ କରାଯାଇଥିଲା । ତା ପରେ ବ୍ୟାଙ୍କର ପ୍ରତିଷ୍ଠା ସମୟରେ ପ୍ରଥମ ୧୦ଜଣ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବଦ୍ଧିତ କରାଯାଇଥିଲା । ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୀମତୀ ଭାଗ୍ୟ ଲକ୍ଷ୍ମୀ ପଣ୍ଡା ବିଗତ ବର୍ଷର ବିବରଣୀ ପାଠ କରିଥିଲେ ଏବଂ ତାହା ଗୃହୀତ ହୋଇଥିଲା । ସଭାପତି ବ୍ୟାଙ୍କର ପ୍ରଗତି ଉପରେ ଆଲୋକପାତ କରି କହିଥିଲେ ଯେ ବ୍ୟାଙ୍କର ଆର୍ଥୀକ ସ୍ଥିତି ଯଥା ଜମା ଗ୍ରହଣ ଋଣ ଲଗାଣ ଓ ଅନାଦେୟ ଋଣ ଆଦାୟରେ ଯଥେଷ୍ଟ ଉନ୍ନତି ଘଟିଛି । ଯମା ପରିମାଣ ଟଙ୍କା ୧୮୬କୋଟିରୁ ୧୯୯କୋଟିରେ ପହ ଥିବା ବେଳେ ଋଣ ଲଗାଣରେ ମଧ ଟଙ୍କା ୧୧୬ କୋଟିରୁ ୧୨୯କୋଟିରେ ପହଂଚିପାରିଛି । ବ୍ୟାଙ୍କର ନେଟ ଲାଭ ଟଙ୍କା ୨୭ଲକ୍ଷ୍ୟରୁ ବୃଦ୍ଧି ପାଇ ଟଙ୍କା ୭୬ଲକ୍ଷ୍ୟରେ ପହ ପାରିଛି । ସେହିଭଳି ଅନାଦାୟ ଋଣ ପରିମାଣ୧୮.୪୨ କୋଟିରୁ ହ୍ରାସ ପାଇ ୧୬.୩୪ କୋଟିରେ ପହଂଚିପାରିଛି । ଏବଂ ନିଟ ଏନପିଏ ମଧ ଶୂନ ଲାଭାଂଶରେ ପହଂଚି ପାରିଛି । ବ୍ୟାଙ୍କର ଆର୍ଥୀକ ସ୍ଥିତିରେ ଉନ୍ନତି ଘଟିଥିବାରୁ ନିକଟ ଅତିତରେ ଆରବିଆଇ ବ୍ୟାଙ୍କ ଉପରେ ଦୀର୍ଘ ୧୦ବର୍ଷ ଧରି ଲଗାଯାଇଥିବା ସମସ୍ତ କଟକଣାକୁ ପ୍ରତ୍ୟାହାର କରିନେଇଛନ୍ତି । ଯଦ୍‌ଦ୍ୱାରା କି ବ୍ୟାଙ୍କ ୨୦୨୪-୨୫ ଆର୍ଥୀକ ବର୍ଷ ପାଇଁ ଶତକଡା ୬ଭାଗ ଲାଭାଶଂ ବଂଟନ କରିବାକୁ ସମର୍ଥ ହୋଇଛି । ଏଥି ସହିତ ବ୍ୟାଙ୍କ ଆରବିଆଇର ଆଉ ଏକ ମାନଦଣ୍ଡକୁ ଛୁଇଁ ପାରିଛି । ତାହାହେଲା ବ୍ୟାଙ୍କ ବର୍ତମାନ ଫାଇନାନସିଆଲ ସାଉଣ୍ଡ ୱେ୍ଲ ମ୍ୟାନେଜମେଂଟ ବ୍ୟାଙ୍କ ହିସାବରେ ଆରବିଆଇଠାରୁ ସିକୃତି ପାଇବାକୁ ଯାଇଛି । ଯାହାକି ସମଗ୍ର ଓଡିଶାରେ ଏକ ଗୌରବ କେବଳ ଆମ ବ୍ୟାଙ୍କକୁ ମିଳିବାକୁ ଯାଉଛି । ଏହାକୁ ଉପସ୍ଥିତ ସମସ୍ତ ସଭ୍ୟ ସଭ୍ୟା କରତାଳି ଦେଇ ସ୍ୱାଗତ କରିଥିଲେ । ଏହାପରେ ଏ ବର୍ଷ କେନ୍ଦ୍ରାପଡା ଜିଲ୍ଲାରେ ମ୍ୟାଟ୍ରିକ ଟପ୍ପର ହୋଇଥିବା ଛାତ୍ର ଶୁଭମ ଜ୍ୟୋତି ରାଉତଙ୍କୁ ବ୍ୟାଙ୍କ ତରଫରୁ ସମ୍ବଦ୍ଧିତ କରାଯାଇଥିଲା । ନିୟମିତ ଋଣ ନେଇ ସଠିକ ସମୟରେ ପରଶୋଦ କରିଥିବା ସେକ ଅତୁଲ ଜାଲିମଙ୍କୁ ବ୍ୟାଙ୍କ ସମ୍ବଦ୍ଧିତ କରିଥିଲା ।

# ପୁରୁଲିଆରୁ ମାସଗ୍ରାମ ମାର୍ଗ ଦେଇ ହାଓଡ଼ା ଯାଉଥିବା ମେମୁ ଟ୍ରେନ୍‌ର ଶୁଭାରମ୍ଭ କଲେ ରେଳମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୩୦/୦୬ (ନି।ପ୍ର): କେନ୍ଦ୍ର ରେଳପଥ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ , କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର, ବିଷ୍ଣୁପୁରର ସାଂସଦ ସୌମିତ୍ର ଖାନ, ହାଓଡ଼ାର ସାଂସଦ ପ୍ରସୂନ ବାନାର୍ଜୀ, ରେଳ ଅଧିକାରୀ ଏବଂ ନାଗରିକମାନେ ଶନିବାର ସାନ୍ତ୍ରାଗାଛି ରେଳପଥ ଷ୍ଟେସନ ପରିଦର୍ଶନ କରିଥିଲେ। ଏହି ନିରୀକ୍ଷଣ ପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଅଞ୍ଚଳର ଚାହିଦା ପୂରଣ କରି ପୁରୂଲିଆ ଏବଂ ହାଓଡ଼ା ମଧ୍ୟରେ ଟ୍ରେନ୍ ନମ୍ବର ୦୮୧୨୧ - ଗରଗଟ ସେବାର ଉଦଘାଟନୀ ଉତ୍ସବରେ ଯୋଗଦେଇ ଟ୍ରେନର ଶୁଭାରମ୍ଭ କରିଥିଲେ । ଶ୍ରୀ ବୈଷ୍ଣବ ଅମୃତ ଭାରତ ଷ୍ଟେସନ୍ ଯୋଜନା ପୁନଃବିକାଶର ଏକ ଅଂଶ ଭାବରେ ସାନ୍ତ୍ରାଗାଛି ରେଳ ଷ୍ଟେସନରେ ଭିତ୍ତିଭୂମି ଏବଂ ଯାତ୍ରୀ ସୁବିଧା ଯାଞ୍ଚ କରିଥିଲେ। ସାନ୍ତ୍ରାଗାଛି ରେଳ ଷ୍ଟେସନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଗରଗଟ ଟ୍ରେନ୍ ନମ୍ବର ୦୮୧୨୧ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କର ବକ୍ତବ୍ୟରେ କହିଛନ୍ତି ଯେ, "ଏହି ମେମୁ ଟ୍ରେନ୍ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ରେଳ ସଂଯୋଗକୁ ପୁନରୁଦ୍ଧାର କରେ ନାହିଁ ବରଂ ଐତିହାସିକ ବାଙ୍କୁରା ଦାମୋଦର ରେଳପଥର ଆତ୍ମାକୁ ମଧ୍ୟ ପୁନର୍ଜୀବିତ କରେ । ପୁରୁଲିଆ, ବାଙ୍କୁରା ଏବଂ ହାଓଡ଼ାର ଲୋକମାନେ ଏବେ ଏକ ସ୍ୱଚ୍ଛ, ଦ୍ରୁତ ଏବଂ ଅଧିକ ସୁଲଭ ରେଳ ଯାତ୍ରାର ସୁବିଧା ପାଇଛନ୍ତି । ଏହା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ।" କେବଳ ପଶ୍ଚିମବଙ୍ଗରେ, ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରାୟ ୧୦୧ଟି ଷ୍ଟେସନରେ ଅସାଧାରଣ ଗତିରେ କାମ ଚାଲିଛି। ଏହା କେବଳ ବିକାଶ ନୁହେଁ, ଏହା ଭାରତୀୟ ରେଳବାଇର ଏକ ସମ୍ପୂର୍ଣ୍ଣ ନବୀକରଣର ଦୃଷ୍ଟିକୋଣ । ଏକ ନୂତନ ଯୁଗର ନିର୍ମାଣ କରାଯାଉଛି - ୫୦-୬୦ ବର୍ଷ ପୁରୁଣା ଷ୍ଟେସନଗୁଡ଼ିକୁ ବଦଳାଇ ଆଧୁନିକ ଷ୍ଟେସନଗୁଡ଼ିକ ବ୍ୟବହାର କରାଯିବ। ଲୋକମାନେ ଆଜି ଗୁଣବତ୍ତା ଏବଂ ଉତ୍ତମ ଅଭିଜ୍ଞତା ପାଇଁ ଆକାଂକ୍ଷା କରନ୍ତି। ନୂତନ ମେମୁ ଟ୍ରେନ୍ ନମ୍ବର ୦୮୧୨୧ ପୁରୁଲିଆ – ବାଙ୍କୁରା – ମାସଗ୍ରାମ – ହାଓଡ଼ା ରୁଟ୍ ଦେଇ ମୋଟ ୨୮୩ କିମି ଦୂରତା ଅତିକ୍ରମ କରିବ। ଏହି ମେମୁ ସେବା ପଶ୍ଚିମବଙ୍ଗ ରାଜ୍ୟ ମଧ୍ୟରେ ପୂର୍ବ-ପଶ୍ଚିମ ଗତିଶୀଳତାକୁ ବୃଦ୍ଧି କରେ ଏବଂ ଅଫିସ୍ ଯାଉଥିବା ହଜାର ହଜାର ଦୈନିକ ଯାତ୍ରୀଙ୍କ ପାଇଁ ଏକ ଦ୍ରୁତ ଓ କମ ଖର୍ଚ୍ଚରେ ଯାତ୍ରା କରିବ ଯେଉଁଥିରେ ଅଫିସ୍ ଯାଉଥିବା ଲୋକ, ଛୋଟ ଏବଂ ମଧ୍ୟମ ବ୍ୟବସାୟୀ ମଧ୍ୟ ସାମିଲ ଅଛନ୍ତି।

## ମାଉସୀ ମା' ମନ୍ଦିରରେ ପ୍ରବଚନ କାର୍ଯ୍ୟକ୍ରମ

ଧର୍ମଶାଳା, ୩୦/୦୬ (ନି।ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ହାଟପଡିଆସ୍ଥିତ ମାଉସୀମା ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତୀ ପୂଜା ପାଉଥିବା ବେଳେ ସମଗ୍ର ଅଂଚଳ ଜଗନ୍ନାଥମୟ ହୋଇଉଠିଛି । ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜା ପାଉଥିବା ତିନି ଠାକୁର ମାଉସୀମା ଘରକୁ ନଅ ଦିନ ପାଇଁ ଆସିଥିବା ବେଳେ ମନ୍ଦିରରେ ରହି ପୂଜା ପାଉଛନ୍ତି। ଏହି ଅବସରରେ ବିଭିନ୍ନ ଅଂଚଳରୁ ଶହ ଶହ ଶ୍ରଦ୍ଧାଳୁ ଆସି ଠାକୁରଙ୍କୁ ଦର୍ଶନ କରି ଆଶିଷ ଲାଭ କରୁଛନ୍ତି। ମାଉସୀମା ମନ୍ଦିର ପରିସର ଖୁବ ଚଳଚଂଚଳ ଓ ଭକ୍ତିମୟ ହୋଇଉଠିଥିବା ବେଳେ ଏଠାକୁ ଆସୁଥିବା ଭକ୍ତମାନଙ୍କ ପାଇଁ ମୁନସୀ ମେଲଣ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭକ୍ତମାନଙ୍କ ଚିତ ବିନୋଦନ ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ବଲାଙ୍ଗିର ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ବଲାଙ୍ଗିର, ୩୦/୦୬ (ନି।ପ୍ର): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆଜି ୮ ଗୋଟି ପଡିଆରେ ନକ୍ ଆଉଟ ଫୁଟବଲ ଖେଳ ଉଦ୍‌ଘାଟିତ ହୋଇଯାଇଛି । ଟାଉନ ହାଇସ୍କୁଲ ପଡିଆରେ ଜେକେଏ୍ୱାଇଏସ କାଲସାଏପାଲି ୨-୦ ଗୋଲରେ ଡିଏଫ୍‌ଏ ବଲାଙ୍ଗିରକୁ ହରାଇଛି । ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜିବୀ ଶଶାଙ୍କ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଅତିଥି ଭାବେ କ୍ରୀଡା ସଂସଦର ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘନ ସିଂ, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, କାଉନସିଲ ସଦସ୍ୟ ପ୍ରଭାତ କୁମାର ମିଶ୍ର, ଶ୍ରୀକାନ୍ତ ରାଉତ ଓ ଟୁର୍ଣ୍ଣାମେଣ୍ଟ କମିଟି ଅଧକ୍ଷ ହେମନ୍ତ କୁମାର ବେହେରା ଯୋଗ ଦେଇଥିଲେ । ଖେଳକୁ ଦୋଳଗୋବିନ୍ଦ ମୁଣ୍ଡା, ତ୍ରିନାଥ ଚନ୍ଦ୍ର, ସଂଜିତ ତରିଆ, ଜିତୁ କୁମାର ଦଲାଇ ଓ ନରସିଂସ୍ୱାମୀ ନାଇଡୁ ପରିଚାଳନା କରିଥିଲେ । ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ସରଗାଡ ଏଫ୍‌ଏ ୩-୨ ଗୋଲରେ ସାଇଟ ସଦାଇପାଲିକୁ ହରାଇ ବିଜୟୀ ହୋଇଛି । ମୁଖ୍ୟ ଅତିଥି ଭାବେ ସାଇଟ ସଂପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ । ଆଦିତ୍ୟ ପଟ୍ଟନାୟକ, ନିସାରକାନ୍ତ ନାଗ ଉପସ୍ଥିତ ଥିଲେ । ଖେଳକୁ ଉମେଶ ଭୋଇ, ଜ୍ୟୋର୍ତିମୟ ରାଉତ, ସୁରେଶ ନାଏକ, ସୁଧାଂଶୁ ସେଠ ଓ ସୁନିଲ ଚନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ । ଚୁଡାପାଲି ପଡିଆରେ ଡଙ୍ଗାଘାଟ ୩-୦ ଗୋଲରେ ଲୁଚକିବନ୍ଧକୁ ହରାଇ ବିଜୟୀ ହେଲା । ପୂର୍ବତନ ଖେଳାଳି ଲୋକନାଥ କୁମୁରା, ବୁଦ୍ଧଦେବ ନାଏକ, ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ଓ ଦେବରାଜ ନାହାକ ଅତିଥି ଭାବେ ଯୋଗ ଦେଇଥିଲେ । ଖେଳକୁ ପୁରୁଷୋତମ ବୁଡେକ, ମଂଟୁ ବେହେରା, ମନୋଜ ବେହେରା ଓ ରାଜେନ୍ଦ୍ର ସେଠ ପରିଚାଳନା କରିଥିଲେ । ଟିଟିଲାଗଡ ସିଟି ସ୍କୁଲ ପଡିଆରେ ସିହିନି ଟ୍ରାଇବ୍ରେକର ୪-୨ ଗୋଲରେ ଭାଟିପଡାକୁ ହରାଇ ବିଜୟୀ ହେଲା । ପୂର୍ବତନ ଖେଳାଳି ସଦାନନ୍ଦ ନାଏକ, ହରି ଥପା ଓ ପଦ୍ମନ ପ୍ରଧାନି ଅତିଥି ଭାବେ ଯୋଗ ଦେଇଥିଲେ । ଜରାସିଂହା ମିନି ଷ୍ଟାଡିୟମରେ ଜରାସିଂହା ୪-୦ ଗୋଲରେ ନାଇକେନସିରାକୁ ହରାଇ ବିଜୟୀ ହେଲା । ପୂର୍ବତନ ଖେଳାଳି ସଚ୍ଚିଦାନନ୍ଦ ପାଢ଼ି, ଚିତ ରଂଜନ ଥନାପତି ଓ ବିଏନ୍‌ଏଏ ସଭାପତି କରୁଣାକର ମେହେର ଅତିଥି ଭାବେ ଯୋଗ ଦେଇଥିଲେ । ଖେଳକୁ କୁନ୍ତେ ମେହେର, ସତ୍ୟ ଦଣ୍ଡସେନା, ଡୋଳାମଣି ବଗର୍ତି ଓ ଶୁଶାନ୍ତ ଥନାପତି ପରିଚାଳନା କରିଥିଲେ । ଲୋଇସିଂହା ମିନି ଷ୍ଟାଡିୟମରେ ଲୋଇସିଂହା ୪-୦ ଗୋଲ ରେ ମୁରସୁଣ୍ଡ କୁ ହରାଇ ବିଜୟୀ ହେଲା । ପୂର୍ବତନ ଖେଳାଳି ବିଭୁତି ଭୂଷଣ ସାହାଣି ଓ ବିଶ୍ୱ ଭୁୟାଁ ଅତିଥି ଭାବେ ଯୋଗ ଦେଇଥିଲେ । ଖେଳକୁ କରୁଣାକର ପ୍ରଧାନ, ଅଞ୍ଜନ ଭେସ୍ତା, ରୋଶନ ମେହେର, ଗୋପାଳ ପ୍ରଧାନ ଓ ବିଜୟ କୁମାର ରଣା ପରିଚାଳନା କରିଥିଲେ । ବଙ୍ଗୋମୁଣ୍ଡା ପଡିଆରେ ବଡଗମଡା ୧-୦ ଗୋଲରେ ମମିଆଁକୁ ହରାଇ ବିଜୟୀ ହେଲା । ବଙ୍ଗୋମୁଣ୍ଡା ପଂଚାୟତ ସରପଂଚ ଅଜିତ ଯୋଷୀ ଅତିଥି 

ଧନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ମଙ୍ଗଳବାର, ୦୧ ଜୁଲାଇ ୨୦୨୫

# ନିୟମିତ 'ଗ୍ରିନ୍ ଟି' ସେବନ କଲେ ବୃଦ୍ଧି ପାଏ ସ୍ମରଣ ଶକ୍ତି

ବୟସ ବଢିବା ବା ଜଣେ ବୟସ୍କ ହେବା ଜୀବନର ସ୍ୱାଭାବିକ ପ୍ରକ୍ରିୟା । ସବୁ ଜୀବଜନ୍ତୁ ଏହି ପ୍ରକ୍ରିୟା ଦେଇ ଗତି କରନ୍ତି । ଏହାକୁ ରୋକିହେବ ନାହିଁ କି ଏହାର ଗତିକୁ ନିୟନ୍ତ୍ରଣ କରିହେବ ନାହିଁ । ବୟସ ବଢିବା ସହ ଶାରୀରିକ ସ୍ୱାସ୍ଥ୍ୟ ସହ ମାନସିକ ସ୍ୱାସ୍ଥ୍ୟ ବା ମସ୍ତିଷ୍କର ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ପଡିଥାଏ । ତେବେ ବୟସ୍କଙ୍କ ପାଇଁ କାନାଜାଓ୍ୱା ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ୍ ସ୍କୁଲ୍ ଅଫ୍ ମେଡିକାଲ୍ ସାଇନସ୍ସ୍ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଆସିଛି ଏକ ଖୁସି ଖବର ।

ଏହି ଅଧ୍ୟୟନରୁ ଜଣାପଡିଛି ନିୟମିତ ଭାବରେ ସବୁଜ ଚା ପିଇଲେ ବୟସ୍କ ବ୍ୟକ୍ତିଙ୍କ ମସ୍ତିଷ୍କ ସ୍ୱାସ୍ଥ୍ୟ ଭଲ ରହିଥାଏ । ଗବେଷକମାନେ ଜାଣିବାକୁ ପାଇଛନ୍ତି ପ୍ରତିଦିନ ତିନି ଗ୍ଲାସ୍ କିମ୍ବା ଅଧିକ ସବୁଜ ଚା ପିଇବା ଦ୍ୱାରା ସ୍ମରଣ ଶକ୍ତି ହ୍ରାସ ଏବଂ ଆଲଜାଇମର ଭଳି ଭୟଙ୍କର ରୋଗ ପାଇଁ ଲାଭଦାୟକ ହେବ ।

ଗବେଷକ ମାନେ ଜାପାନର ବିଭିନ୍ନ ଗବେଷଣା କେନ୍ଦ୍ରରେ ପ୍ରୋସ୍ପେକ୍ଟିଭ୍ ଷ୍ଟଡିଜ୍ କୋଲାବୋରେସନ ଫର ଏଜିଂ ଆଣ୍ଡ୍ ଡିମେନ୍ସିଆରୁ ତଥ୍ୟ ନେବା ସହ, ଗଜଓ ତଥ୍ୟ ଏବଂ ଅନ୍ୟାନ୍ୟ ତଥ୍ୟକୁ ଅଧ୍ୟୟନକରି ସବୁଜ ଚା ଏବଂ କଫି ସେବନର ପ୍ରଭାବ ଅନୁଶୀଳନ କରିଛନ୍ତି ।

ଉଭୟ ସବୁଜ ଚା ଏବଂ କଫି ସେମାନଙ୍କର ନ୍ୟୁରୋ ପ୍ରୋଟେକ୍ଟିଭ୍ ଗୁଣ ପାଇଁ ବେଶ୍ ଜଣାଶୁଣା । ତ୍ୱେ ଏହି ଅଧ୍ୟୟନରେ ମସ୍ତିଷ୍କ ସ୍ୱାସ୍ଥ୍ୟ ଉପରେ କଫିର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଥିବା ନେଇ ଜଣାପଡିନାହିଁ । ଏନ.ପି.ଜେ. ସାଇନ୍ସ ଅଫ୍ ଫୁଡ୍ ଜର୍ଣ୍ଣାଲରେ ପ୍ରକାଶିତ ଫଳାଫଳ ସୂଚାଇଛି ଯେ ଦୈନନ୍ଦିନ ଖାଦ୍ୟରେ ସବୁଜ ଚା'କୁ ସାମିଲ କଲେ, ଏହା ବୟସ୍କ ବ୍ୟକ୍ତିଙ୍କୁ ଦୀର୍ଘକାଳୀନ ଲାଭ ପ୍ରଦାନ କରିଥାଏ ।

ତେବେ ଏହି ଅଧ୍ୟୟନ ପରେ ଗବେଷକ ମାନେ ମନ୍ତବ୍ୟ ଦେଇଛନ୍ତି କି 'ଆମର ଫଳାଫଳ ସୂଚିତ କରୁଛି ଯେ ବିଶେଷକରି ଦିନକୁ ତିନି କିମ୍ବା ଅଧିକ ଗ୍ଲାସ ସବୁଜ ଚା ପିଇବାଦ୍ୱାରା ଏହା ଡିମେନ୍ସିଆକୁ ରୋକିବାରେ ସାହାଯ୍ୟ କରିପାରେ' କିନ୍ତୁ ଗବେଷକମାନଙ୍କ ଅନ୍ୟ ଏକ ମନ୍ତବ୍ୟ ଅନୁସାରେ 'ତଥାପି, ଆମର ଫଳାଫଳଗୁଡ଼ିକୁ ବୈଧ କରିବା ପାଇଁ ଆହୁରି ଅଧିକ ଅଧ୍ୟୟନ ଏବଂ ମୌଳିକ ଗବେଷଣା ଆବଶ୍ୟକ ରହିଛି ।'

# ଏମିତି ମର୍ଣ୍ଡିଂ ୱ୍ୟାକ କରନ୍ତୁ: ମିଳିବ ସର୍ବାଧିକ ଫାଇଦା



ଆଜିର ସମୟରେ ସାଧାରଣତଃ ସମସ୍ତ ଫିଟ ରହିବାକୁ ପସନ୍ଦ କରନ୍ତି । ତେଣୁ ମର୍ଣ୍ଡିଂ ୱ୍ୟାକ ସାଧାରଣତଃ ସମସ୍ତଙ୍କ ଜୀବନର ଏକ ଅଂଶ ରହିଛି । ମାତ୍ର ଏହାକୁ କରିବାର ସଠିକ ଉପାୟ ଅଧିକ ଲୋକଙ୍କୁ ଜଣା ନ ଥାଏ । ମର୍ଣ୍ଡିଂ ୱ୍ୟାକ ଶରୀରର ପାଚନ ପ୍ରକ୍ରିୟାକୁ ତ୍ୱରିତ କରିଥାଏ ଯାହା ଫଳରେ ଶରୀର ରୋଗମୁକ୍ତ ରହିଥାଏ । ଏହା ସହିତ ଜୀବନ ଧାରଣ କାରଣରୁ ସୃଷ୍ଟି ହେଉଥିବା ମେଦ ବହୁଳତା ଓ ଡାଇବେଟିସ ପରି ରୋଗକୁ ମଧ୍ୟ ଏହା ନିୟନ୍ତ୍ରଣରେ ରଖିଥାଏ ।

ତେବେ ମର୍ଣ୍ଡିଂ ୱ୍ୟାକ କରିବା ସମୟରେ ଲୋକ ମାନେ କିଛି ସାଧାରଣ ନିୟମକୁ ମାନି ନଥାନ୍ତି । ଫଳରେ ଏହାର ସମ୍ପୂର୍ଣ୍ଣ ଫାଇଦା ମିଳି ନଥାଏ । ମର୍ଣ୍ଡିଂ ୱ୍ୟାକ କରିବା ସମୟରେ କଣ ନିୟମ ମାନିବା ଉଚିତ, ଚାଲିବାର ବେଗ କଣ ରହିବା ଉଚିତ ଓ କିପରି ଚାଲିବା ଉଚିତ ଆସନ୍ତୁ ଜାଣିବା....

ମର୍ଣ୍ଡିଂ ୱ୍ୟାକ ସମୟରେ ନିଜ ଶ୍ୱାସ ପ୍ରଶ୍ୱାସ ଓ ଚାଲିବାର ବେଗ ଉପରେ ଧ୍ୟାନ ଦେବାକୁ ପଡିଥାଏ । ମର୍ଣ୍ଡିଂ ୱ୍ୟାକ ସମୟରେ ପ୍ରଥମେ ଧୀରେ ଧୀରେ ଚାଲିବା ସହ ଶ୍ୱାସ ଉପରେ ଧ୍ୟାନ ଦେବ ଉଚିତ । ଧୀରେ ଧୀରେ ଚାଲିବାର ଗତି ବଢାଇବା ସହିତ ଶ୍ୱାସ ପ୍ରଶ୍ୱାସ କିଭଳି ରହୁଛି ଏହାକୁ ମନିଟର କରିବା ଉଚିତ । ମର୍ଣ୍ଡିଂ ୱ୍ୟାକରେ ଜଣେ ୧୩ ମିନିଟରୁ ଓ ୨୦ ମିନିଟ ମଧ୍ୟରେ ୧ ମାଇଲ ଚାଲିବା ଉଚିତ । ଏପରି ବେଗରେ ଚାଲିବା ଦ୍ୱାରା ମର୍ଣ୍ଡିଂ ୱ୍ୟାକର ବାସ୍ତବ ଫାଇଦା ମିଳିଥାଏ । ଓଜନ ହ୍ରାସ ଓ ରକ୍ତ ଶର୍କରା (ଡାଇବେଟିସ) ନିୟନ୍ତ୍ରଣରେ ଏହା ସାହାଯ୍ୟ କରିଥାଏ । ମେଦବହୁଳତା ରୋଗରେ ପୀଡିତ ବ୍ୟକ୍ତି ମାନଙ୍କ ପାଇଁ ମଧ୍ୟ ଏହା ବେଶ ସହାୟକ ହୋଇଥାଏ । ମର୍ଣ୍ଡିଂ ୱ୍ୟାକରେ ଯାଉଥିଲେ ଦୈନିକ ୨୦-୩୦ ମିନିଟ ଚାଲିବା ଉଚିତ । ସପ୍ତାହରେ ୫ ଦିନ ଯଦି ଜଣେ ଦୈନିକ ୨୦-୩୦ ମିନିଟ ଚାଲନ୍ତି ତେବେ ଏହା ବାସ୍ତବରେ ଫାଇଦା ପ୍ରଦାନ କରିଥାଏ । ଏହା ଠାରୁ କମ୍ ଚାଲୁଥିଲେ ଏହା ଆମର ଶାରୀରିକ ପ୍ରକ୍ରିୟା ଉପରେ ବିଶେଷ ପ୍ରଭାବ ପକାଇ ନଥାଏ ।

## ଏହି ଦିଗକୁ ଗୋଡକରି ଶୋଉଛନ୍ତି କି... ପଡିବ ନକରାତ୍ମକ ପ୍ରଭାବ

ଶରୀରକୁ ରିଲାକ୍ସ ଦେବା ଓ ସୁସ୍ଥ ଜୀବନ ଜୀଇବା ପାଇଁ ଶୋଇବା ଜରୁରୀ । ପ୍ରତ୍ୟେକ ମଣିଷ ଶୋଉଥିଲେ ମଧ୍ୟ ଅନେକ ଏହାର ଠିକ୍ ଉପାୟ ଜାଣନ୍ତି ନାହିଁ । ତେବେ ଏବେ ପ୍ରଶ୍ନ ହେଉଛି ଶୋଇବାର ଉପଯୁକ୍ତ ଉପାୟ କ'ଣ ? କେଉଁ ଦିଗକୁ ଗୋଡ କରି ଶୋଇବା ଉଚିତ୍ ନୁହେଁ ? ଆସନ୍ତୁ ଜାଣିବା ।

ବାସ୍ତୁଶାସ୍ତ୍ର ଅନୁସାରେ, ଯଦି ଜଣେ ବ୍ୟକ୍ତି ନିଜ ପାଦକୁ ଭୁଲ ଦିଗରେ ରଖି ଶୋଇଥାଏ, ତେବେ ତାଙ୍କ ଶରୀରରୁ ସମସ୍ତ ଶକ୍ତି ବାହାରିଯାଏ, କାରଣ ଭୁଲ ଦିଗରେ ପାଦ ରଖି ଶୋଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡେ । ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ଦକ୍ଷିଣ ଆଡକୁ ପାଦ ରଖି ଶୋଇବା ଉଚିତ ନୁହେଁ । ଦକ୍ଷିଣ ଦିଗକୁ ଯମଦୂତ, ଯମ ଏବଂ ନକାରାତ୍ମକ ଶକ୍ତିର ଦିଗ ଭାବରେ ବିବେଚନା କରାଯାଏ, ତେଣୁ ଏହି ଦିଗକୁ ପାଦ ରଖି ଶୋଇବା ଉଚିତ ନୁହେଁ । ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ପୂର୍ବ ଦିଗକୁ ମଧ୍ୟ ଗୋଡ କରି ଶୋଇବା ଉଚିତ ନୁହେଁ । ଏହା ବ୍ୟତୀତ, ପଶ୍ଚିମ ଦିଗକୁ ମୁଣ୍ଡ କରି ଶୋଇବା ମଧ୍ୟ ଉଚିତ ନୁହେଁ । ଏହା ଶରୀର ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ । ବାସ୍ତୁଶାସ୍ତ୍ରରେ କୁହାଯାଇଛି ଯେ ଯଦି ଜଣେ ବ୍ୟକ୍ତି ପୂର୍ବ କିମ୍ବା ଦକ୍ଷିଣ ଆଡକୁ ପାଦ ରଖି ଶୋଇଥାଏ ତେବେ ତାଙ୍କ ମନରେ ନକାରାତ୍ମକ ଚିନ୍ତାଧାରା ଏବଂ ଭୟାନକ ସ୍ୱପ୍ନ ଆସେ । ଏହା ବ୍ୟତୀତ ଲୋକମାନେ ନିରାଶା ଏବଂ ଭୟର ଶିକାର ହୁଅନ୍ତି । ବାସ୍ତୁବିତଙ୍କ ମତରେ, ଜଣେ ବ୍ୟକ୍ତି ଉତ୍ତର ଦିଗକୁ ପାଦ ଦେଇ ଶୋଇବା ଦ୍ୱାରା ସୁଖ, ସମୃଦ୍ଧି, ଶାନ୍ତି, ଆର୍ଥିକ ଲାଭ ପାଇବା ସହିତ ଆୟୁ ବୃଦ୍ଧି ହୁଏ । ଏହା ବ୍ୟତୀତ ପୂର୍ବ ଆଡକୁ ମୁଣ୍ଡ କରି ଶୋଇବା ଦ୍ୱାରା ଜ୍ଞାନ ପ୍ରାପ୍ତ ହେବାରେ ସାହାଯ୍ୟ ମିଳେ ।

## ସ୍କୁଲ୍ ଯିବାକୁ ଆପଣଙ୍କ ପିଲା କାନ୍ଦୁଛି କି... ଏମିତି କରନ୍ତୁ, ଖୁସିରେ ଖୁସିରେ ସ୍କୁଲ୍ ଯିବ

*ସକରାତ୍ମକ କଥାବାର୍ତ୍ତା:*

ପିଲାମାନଙ୍କ ସହିତ ଶାନ୍ତ ଭାବରେ କଥା ହୁଅନ୍ତୁ ଏବଂ ତାଙ୍କ ଚିନ୍ତାଧାରା ବୁଝିବାକୁ ଚେଷ୍ଟା କରନ୍ତୁ । ତାଙ୍କ ଭୟକୁ ଅଣଦେଖା କରନ୍ତୁ ନାହିଁ, ବରଂ ତାଙ୍କୁ କୁହନ୍ତୁ ଯେ ପ୍ରତ୍ୟେକ ପିଲାଙ୍କର କିଛି ନା କିଛି ଡର ଥାଏ, କିନ୍ତୁ ଏହାକୁ ଦୂର କରିବାର ଏକ ଉପାୟ ଅଛି ।

*ରୁଟିନ୍ ସୃଷ୍ଟି କରନ୍ତୁ:*

ଆପଣଙ୍କ ପିଲାଙ୍କ ଦୈନନ୍ଦିନ କାର୍ଯ୍ୟକୁ ସରଳ ଏବଂ ନିୟମିତ ରଖନ୍ତୁ । ତାଙ୍କୁ ପ୍ରତିଦିନ ସମାନ ସମୟରେ ବିଦ୍ୟାଳୟକୁ ପଠାନ୍ତୁ, ଯାହାଫଳରେ ସେମାନେ ଧୀରେ ଧୀରେ ଆଡଜଷ୍ଟ ହୋଇପାରିବେ ଏବଂ ଭୟ ତାଙ୍କ ମନରୁ ଦୂରେଇ ଯିବ । ଯଦି ଆପଣ ଏହାକୁ ପଠାଇବେ ନାହିଁ, ତେବେ ଏହା ସ୍ୱାଭାବିକ ହେବା ତାଙ୍କ ପାଇଁ ଅଧିକ କଷ୍ଟସାଧ୍ୟ ହେବ ।

*ପ୍ରେରଣା ଦିଅନ୍ତୁ:*

ପିଲାଙ୍କୁ କୁହନ୍ତୁ ଯେ ତାଙ୍କ ଶିକ୍ଷକ ତାଙ୍କୁ ବିଦ୍ୟାଳୟରେ କେତେ ମିସ୍ କରିବେ, ତାଙ୍କର କେତେ ସାଙ୍ଗ ହେବେ, ବିଭିନ୍ନ ଖେଳ ହେବ ଏବଂ ନୂଆ ଜିନିଷ ଶିଖିବାକୁ ମିଳିବ । ଏହା ତାଙ୍କ ଚିନ୍ତାକୁ କମ୍ କରିବ ଏବଂ ସେମାନେ ଖୁସିରେ ସ୍କୁଲ୍ ଯିବେ ।

*ଧୈର୍ଯ୍ୟବାନ ହେବା:*

ପିଲାମାନଙ୍କୁ ଆଡଜଷ୍ଟ୍ ହେବା ପାଇଁ କିଛି ସମୟ ଦିଅନ୍ତୁ । ଅନ୍ୟମାନଙ୍କ ସାମ୍ନାରେ ଗାଳି ଦେବା ଏବଂ ଆକ୍ରମଣାତ୍ମକ ହେବା ଠାରୁ ଦୂରେଇ ରୁହନ୍ତୁ । ସେମାନଙ୍କୁ ହସଖୁସିରେ କୁହନ୍ତୁ ଯେ, ସ୍କୁଲ ସରୁ ସରୁ ତାଙ୍କୁ ନେବାକୁ ଆସିବେ, ସେପର୍ଯ୍ୟନ୍ତ ସେମାନେ ନୂଆ ଜିନିଷ ଶିଖିପାରିବେ ଯାହା ଶ୍ରେଣୀରେ ଶିକ୍ଷା ଦିଆଯିବ । ଏହି ଉପାୟରେ ସେମାନେ ଆରାମ ଅନୁଭବ କରିବେ ଏବଂ ସ୍କୁଲ୍ ଯିବାକୁ ସାହସ ପାଇବେ ।

*ପ୍ରତିଶ୍ରୁତି ପାଳନ କରିବା:*

ଯଦି ଆପଣ ପିଲା ସ୍କୁଲରୁ ଫେରିବା ପରେ ପାର୍କକୁ ନେବା, ତାଙ୍କୁ ଏକ ପ୍ରିୟ ରେଷ୍ଟୁରାଣ୍ଟ କିମ୍ବା ଅନ୍ୟ କୌଣସି ଯୋଜନା କରିଥିବେ, ତେବେ ଏହାକୁ ଭୁଲିଯାଆନ୍ତୁ ନାହିଁ । ପିଲାଙ୍କୁ କହିଥିବା କଥା ରଖନ୍ତୁ । ନଚେତ ଏହା ସେମାନଙ୍କ ଚାପକୁ ବଢେଇ ଦେବ ।

*ଏହି ଜିନିଷଗୁଡିକ ପ୍ରତି ଧ୍ୟାନ:*

ଅନେକ ଅଭିଭାବକ ନିଜ ପିଲାମାନଙ୍କୁ ସ୍କୁଲ୍ ଫାଟକ ନିକଟରେ ଛାଡି, ସାଙ୍ଗେ ସାଙ୍ଗେ ପଛକୁ ବୁଲି 'ବାଏ' ନ କହି ପଳାଇ ଆସନ୍ତୁ । ଏପରି କରନ୍ତୁ ନାହିଁ । ହସ ହସ ମୁହଁରେ ସେମାନଙ୍କୁ 'ବାଏ' କୁହନ୍ତୁ ।

ମନେରଖନ୍ତୁ, ପିଲାମାନଙ୍କ ମଧ୍ୟରେ ଅଲଗା ହେବାର ଚିନ୍ତା ସଂପୂର୍ଣ୍ଣ ସ୍ୱାଭାବିକ ଏବଂ ସୁସ୍ଥ । ଯେତେବେଳେ ପିଲାମାନେ କାନ୍ଦନ୍ତି, ସେମାନଙ୍କର ଡର କମିଯାଏ ଏବଂ ମନ ହାଲୁକା ହୁଏ ଏବଂ ସେମାନେ କିଛି ସମୟ ମଧ୍ୟରେ ସ୍ୱାଭାବିକ ହୋଇଯାଆନ୍ତି ।

**ଅନେକ ସମୟରେ ପିଲାମାନେ ସ୍କୁଲ୍ ଯିବା ବେଳେ କାନ୍ଦନ୍ତି । ଏହା ଭାବପ୍ରବଣ ଚିନ୍ତାର ସଙ୍କେତ ହୋଇପାରେ । ଅନେକ ପିଲାମାନେ ଏକ ପ୍ରକାର ଭୟ, ଏକୁଟିଆ କିମ୍ବା ପରିବର୍ତ୍ତନ ହେତୁ ବିଦ୍ୟାଳୟକୁ ଯିବା ପୂର୍ବରୁ ମାନସିକ ଚାପ ଅନୁଭବ କରିବା ଆରମ୍ଭ କରନ୍ତି, ସେଥିପାଇଁ ମଧ୍ୟ ସେମାନେ କାନ୍ଦନ୍ତି । ଏପରି ପରିସ୍ଥିତିରେ ରାତିରେ ସେମାନଙ୍କର ନିଦ ହଜିଯାଏ । ଏଭଳି ପରିସ୍ଥିତିରେ ବାପାମାମାନେ ନିଜ ପିଲାମାନଙ୍କ ଭାବପ୍ରବଣତାକୁ ବୁଝିବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ଜରୁରୀ । ଆପଣ କିଛି ସହଜ ଏବଂ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି ସେମାନଙ୍କର ଭାବପ୍ରବଣ ଚିନ୍ତା ହ୍ରାସ କରିପାରିବେ, ଯାହା ଦ୍ୱାରା ସେମାନେ ଖୁସିରେ ସ୍କୁଲକୁ ଯିବେ ଏବଂ ମନରେ ଦୃଢତା ଅନୁଭବ କରିବେ ।**

ପିଲାକୁ ଶାନ୍ତ ଭାବରେ ବୁଝାନ୍ତୁ, କେବେ ବି ସେମାନଙ୍କୁ ଅନ୍ୟମାନଙ୍କ ସହିତ ତୁଳନା କରନ୍ତୁ ନାହିଁ ।

ଏହିଭଳି କିଛି ସରଳ ଟିପ୍ସ ଗ୍ରହଣ କରି, ପିଲାମାନଙ୍କ ଏହି ଭୟ ଓ ଚିନ୍ତାକୁ ହ୍ରାସ କରିପାରିବେ ।

## ଆପଣ ଥଣ୍ଡା-କାଶରେ ପୀଡିତ କି... ଡାକ୍ତର ପାଖକୁ ନ ଯାଇ କରନ୍ତୁ ଏହି ୫ ଘରୋଇ ଉପଚାର

ଥଣ୍ଡା ଏବଂ ଜ୍ୱରରୁ ମୁକ୍ତି ପାଇବା ପାଇଁ ଲୋକମାନେ ସାଧାରଣତଃ ବିଦେଶୀ ଔଷଧ ବ୍ୟବହାର କରନ୍ତି କିମ୍ବା ଡାକ୍ତରଙ୍କ ନିକଟକୁ ଯାଆନ୍ତି । କିନ୍ତୁ ବେଳେବେଳେ ଏହି ଔଷଧଗୁଡ଼ିକ ମଧ୍ୟ କ୍ଷତିକାର ହୋଇଥାଏ । ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, କିଛି ଘରୋଇ ଉପଚାର ଚେଷ୍ଟା କରିପାରିବେ । ଏହା କରିବା ଦ୍ୱାରା ଆପଣ ଖୁବ୍ କମ ସମୟରେ ଆରାମ ପାଇପାରିବେ । ଏବେ ପ୍ରଶ୍ନ ଉଠୁଛି କାଶ ଏବଂ ଥଣ୍ଡା ହେଲେ ପ୍ରଥମେ କ'ଣ କରିବା ଉଚିତ ? ଥଣ୍ଡା ଏବଂ କାଶରେ କେଉଁ ଉପଚାର ଉପଯୋଗୀ ହୋଇପାରେ ? ତେବେ ଏନେଇ ବିଶେଷଜ୍ଞମାନେ କ'ଣ କୁହନ୍ତି ଆସନ୍ତୁ ଜାଣିବା ।

ତୁଳସୀ-ଅଦା ଚା': ଯଦି ଆପଣ ଥଣ୍ଡା-କାଶ ଭଳି ସମସ୍ୟାରେ ପୀଡିତ, ତେବେ ଆପଣ ଏହାକୁ ଘରେ ଭଲ କରିପାରିବେ । ସାଧାରଣତଃ ଏହା କେବଳ ଘରୋଇ ଚିକିତ୍ସା ଦ୍ୱାରା ଆରୋଗ୍ୟ ହୁଏ । ଘରେ ଛୋଟ ଛୋଟ ଟିପ୍ସ ଆପଣେଇ ସହଜରେ ଏଥିରୁ ଆରାମ ପାଇପାରିବେ । ଥଣ୍ଡା ଏବଂ କାଶରେ ପୀଡିତ ବ୍ୟକ୍ତି ତୁଳସୀ ଓ ଅଦା ମିଶାଇ ଚା' ପ୍ରସ୍ତୁତ କରି ପିଅନ୍ତୁ । ଏହା କାଶ ଏବଂ ଥଣ୍ଡାକୁ ତୁରନ୍ତ ଭଲ କରିଦିଏ ।

ମହୁ-ଅଦା ରସ: ବିଶେଷଜ୍ଞଙ୍କ ଅନୁଯାୟୀ ଥଣ୍ଡା ଏବଂ କାଶରୁ ମୁକ୍ତି ପାଇବାରେ ମହୁ ଏବଂ ଅଦା ରସ ଅତ୍ୟନ୍ତ ଲାଭଦାୟକ । ଯଦି ଆପଣ ମଧ୍ୟ ଥଣ୍ଡା ଏବଂ କାଶରେ ପୀଡିତ ତେବେ ଅଦା ଏବଂ ମହୁ ରସକୁ ଟିକେ ଗରମ କରି ପିଇଲେ ତୁରନ୍ତ ଆରାମ ମିଳିବ ।

ମହୁ-ଲବଙ୍ଗ: ଯଦି ଆପଣ କାଶ କିମ୍ବା ଥଣ୍ଡା ରୋଗରେ ପୀଡିତ ତେବେ ଲବଙ୍ଗ ଏବଂ ମହୁ ଖାଆନ୍ତୁ । ଲବଙ୍ଗକୁ ଗ୍ରାଇଣ୍ଡ୍ କରି ମହୁ ସହିତ ମିଶାଇ ଦିନକୁ ୨-୩ ଥର ଖାଇବା ଦ୍ୱାରା କାଶରୁ ବହୁତ ଆରାମ ମିଳିଥାଏ । ଯଦି ଏମିତିରେ ଭଲ ହୋଇଯାଏ ତେବେ ଆପଣଙ୍କୁ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିବ ନାହିଁ ।



ଗରମ ପାଣି କୁଳୁକୁଳି: ଯଦି ଥଣ୍ଡା ସହିତ ଗଳା ଦରଜ, କଫ ଏବଂ କାଶ ତେବେ ତେବେ ଗାର୍ଗଲିଂ ବହୁତ ଲାଭଦାୟକ । ଏଥିପାଇଁ ଉଷୁମ ଲୁଣ ପାଣିରେ ଗାର୍ଗଲ କରନ୍ତୁ । ଏହା ଗଳାରେ ଜମା ହୋଇଥିବା କଫକୁ ଦୂର କରେ ଏବଂ ଗଳା ଦରଜରୁ ଆରାମ ଦିଏ । ଯଦି ଆପଣ ମଧ୍ୟ ଥଣ୍ଡା ରୋଗରେ ପୀଡିତ ତେବେ ଗାର୍ଗଲ୍ କରନ୍ତୁ ।

ବାଷ୍ପ ନେବା: ଥଣ୍ଡା ଏବଂ କାଶରୁ ଅଧିକ ଆରାମ ପାଇବା ପାଇଁ ବାଷ୍ପ ନେବାକୁ ପଡେ । ଏହା ବନ୍ଦ ହୋଇଯାଇଥିବା ନାକକୁ ଖୋଲିଦିଏ । ସାଧା ପାଣି ହେଉ କି ସେଥିରେ ଚା' ତେଲ, ୟୁକାଲିପଟାସ୍ ତେଲ, ଲେମନ୍ ଗ୍ରାସ୍ ତେଲ, ଲବଙ୍ଗ ତେଲ ମିଶାଇ ବାଷ୍ପ ନିଆଯାଇପାରେ । ଏହା ଦ୍ୱାରା ଗଳା ଖରାପରୁ ଅନେକ ଆରାମ ମିଳେ । ଯଦି ଆପଣ ମଧ୍ୟ ଥଣ୍ଡା ଏବଂ କାଶରେ ପୀଡିତ ତେବେ ନିଶ୍ଚିତ ଭାବରେ ଏହି ଘରୋଇ ଉପଚାର ଚେଷ୍ଟା କରନ୍ତୁ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୧ ଜୁଲାଇ ୨୦୨୫, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା: ଏକ ନୂତନ ଯୁଗର ଆରମ୍ଭ

ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ମାନବ ସମାଜକୁ ସର୍ବଦା ନୂତନ ଦିଗଦର୍ଶନ ଦେଇଛି । ଏହି କ୍ରମରେ, କୃତ୍ରିମ ବୁଦ୍ଧିମତ୍ତା (AI) ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି । ମାଇକ୍ରୋସଫ୍ଟ ଦ୍ୱାରା ବିକଶିତ ଏକ ନୂତନ AI ପ୍ରଣାଳୀ ଡାକ୍ତରମାନଙ୍କ ତୁଳନାରେ ଅଧିକ ସଠିକ୍ ଭାବରେ ରୋଗ ନିର୍ଣ୍ଣୟ କରିବାରେ ସକ୍ଷମ ବୋଲି ପ୍ରକାଶ ପାଇଥିବା ଗବେଷଣା ଏହି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହା କେବଳ AI କ୍ଷେତ୍ରରେ ଆଉ ଏକ ସାମାନ୍ୟ ଉନ୍ନତି ନୁହେଁ; ଏହା ଏକ ବଡ଼ ଲମ୍ଫ ଯାହାକୁ ମାଇକ୍ରୋସଫ୍ଟ AIର ସିଇଓ, ମୁଫାସା ସୁଲେମାନ, 'ମେଡିକାଲ୍ ସୁପରଇଣ୍ଟେଲିଜେନ୍ସ' ବୋଲି କହିଛନ୍ତି। ଏହି AI ପ୍ରଣାଳୀ, ଯାହାକୁ MAI-DxO (Model-Agnostic AI Diagnostic Orchestrator) କୁହାଯାଉଛି, ୮୫.୫ ପ୍ରତିଶତ ସଠିକତା ହାସଲ କରିଛି, ଯାହା ସାଧାରଣ ଡାକ୍ତରମାନଙ୍କ ୨୦ ପ୍ରତିଶତ ସଠିକତା ତୁଳନାରେ ଯଥେଷ୍ଟ ଅଧିକ। ଏହି ଉଲ୍ଲେଖନୀୟ ସଫଳତା ଏକ 'ଚେନ୍-ଅଫ୍-ଡିବେଟ୍' ଶୈଳୀର ଆଭିମୁଖ୍ୟ ବ୍ୟବହାର କରି ହାସଲ କରାଯାଇଥିଲା, ଯେଉଁଠାରେ AI ଅର୍କେଷ୍ଟ୍ରେଟର୍ ଏକ ନିଦାନରେ ପହଞ୍ଚିବା ପାଇଁ OpenAIe GPT ଏବଂ Google Gemini ଭଳି ଅନେକ ଅଗ୍ରଣୀ AI ମଡେଲଗୁଡ଼ିକୁ ପଚାରିଥାଏ। ଏହା କେବଳ ଏକ ପ୍ରଯୁକ୍ତିଗତ ସଫଳତା ନୁହେଁ, ବରଂ ଭବିଷ୍ୟତର ସ୍ୱାସ୍ଥ୍ୟସେବା କିପରି ହେବ, ତାହାର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି ।

AIର ଏହି ଅଦ୍ଭୁତ କ୍ଷମତା, ରୋଗ ନିର୍ଣ୍ଣୟ ପ୍ରକ୍ରିୟାକୁ ଅଧିକ ଦ୍ରୁତ, ସଠିକ୍ ଏବଂ ପ୍ରଭାବଶାଳୀ କରିପାରିବ । ବିଶେଷ କରି ଜଟିଳ ଏବଂ ବିରଳ ରୋଗଗୁଡ଼ିକର ନିର୍ଣ୍ଣୟରେ AI ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ଡାକ୍ତରମାନେ ଅନେକ ସମୟରେ ସୀମିତ ସୂଚନା ଏବଂ ମାନବୀୟ ତ୍ରୁଟି ଯୋଗୁଁ ରୋଗ ନିର୍ଣ୍ଣୟରେ ଭୁଲ କରିପାରନ୍ତି, କିନ୍ତୁ AI ବିଶାଳ ଡାଟାସେଟ୍ ବିଶ୍ଳେଷଣ କରି, ପୂର୍ବରୁ ଥିବା ରୋଗୀ ରେକର୍ଡ, ଚିକିତ୍ସା ଇତିହାସ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟକୁ ବିଚାରକୁ ନେଇ ଅଧିକ ସଠିକ୍ ନିର୍ଣ୍ଣୟ ଦେଇପାରେ। ଏହାଦ୍ୱାରା ରୋଗୀମାନେ ଶୀଘ୍ର ସଠିକ୍ ଚିକିତ୍ସା ପାଇପାରିବେ ଏବଂ ରୋଗର ଜଟିଳତା ବଢ଼ିବା ପୂର୍ବରୁ ତାହାକୁ ନିୟନ୍ତ୍ରଣ କରାଯାଇପାରିବ । ଏହା ସ୍ୱାସ୍ଥ୍ୟସେବା ଖର୍ଚ୍ଚ ହ୍ରାସ କରିବାରେ ମଧ୍ୟ ସହାୟକ ହେବ, କାରଣ ବିଳମ୍ବିତ ନିର୍ଣ୍ଣୟ ଯୋଗୁଁ ଅନେକ ସମୟରେ ଅଧିକ ଜଟିଳ ଏବଂ ବ୍ୟୟବହୁଳ ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ।

ତେବେ, AIର ଏହି ଅଗ୍ରଗତି ସହିତ କିଛି ଗୁରୁତ୍ୱପୂର୍ଣ୍ଣ ନୈତିକ ଏବଂ ବ୍ୟବହାରିକ ପ୍ରଶ୍ନ ମଧ୍ୟ ଉଠିଛି । ପ୍ରଥମତଃ, AI ଦ୍ୱାରା ନିର୍ଣ୍ଣୟ କରାଯାଇଥିବା ରୋଗ ପାଇଁ କିଏ ଦାୟୀ ରହିବ ? ଯଦି AI କୌଣସି ଭୁଲ ନିର୍ଣ୍ଣୟ ଦିଏ, ତେବେ ତାହାର ପରିଣାମ ପାଇଁ କମ୍ପାନୀ, ଡାକ୍ତର କିମ୍ବା AI ପ୍ରଣାଳୀ ନିଜେ ଦାୟୀ ହେବେ କି ? ଏହା ଏକ ଜଟିଳ ପ୍ରଶ୍ନ, ଯାହାର ସମାଧାନ ପାଇଁ ସ୍ପଷ୍ଟ ନିୟମାବଳୀ ଏବଂ ଆଇନଗତ ଢାଞ୍ଚା ଆବଶ୍ୟକ । ଦ୍ୱିତୀୟତଃ, ରୋଗୀଙ୍କ ଗୋପନୀୟତା ଏବଂ ଡାଟା ସୁରକ୍ଷା ଏକ ବଡ଼ ଚିନ୍ତାର ବିଷୟ। AI ପ୍ରଣାଳୀ ବିଶାଳ ପରିମାଣର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ କରିଥାଏ । ଏହି ତଥ୍ୟର ସୁରକ୍ଷା ଏବଂ ଅପବ୍ୟବହାରକୁ ରୋକିବା ପାଇଁ କଠୋର ନିୟମ ଏବଂ ସୁରକ୍ଷା ବ୍ୟବସ୍ଥା ଆବଶ୍ୟକ। ତୃତୀୟତଃ, AIର ନିର୍ଣ୍ଣୟ ପ୍ରକ୍ରିୟାରେ ପକ୍ଷପାତିତା (bias)ର ସମ୍ଭାବନା ରହିଛି । ଯଦି AIକୁ ତାଲିମ ଦେବା ପାଇଁ ବ୍ୟବହୃତ ଡାଟାସେଟ୍ କୌଣସି ନିର୍ଦ୍ଦିଷ୍ଟ ଜନସଂଖ୍ୟା କିମ୍ବା ବର୍ଗର ଲୋକଙ୍କ ପ୍ରତି ପକ୍ଷପାତପୂର୍ଣ୍ଣ ହୁଏ, ତେବେ AIର ନିର୍ଣ୍ଣୟ ମଧ୍ୟ ପକ୍ଷପାତପୂର୍ଣ୍ଣ ହୋଇପାରେ, ଯାହା ସ୍ୱାସ୍ଥ୍ୟସେବାରେ ଅସମାନତା ସୃଷ୍ଟି କରିପାରେ।

ଏହି ସମସ୍ତ ଆହ୍ୱାନ ସତ୍ତ୍ୱେ, AIର ସମ୍ଭାବନା ଅପରିସୀମ । ଏହା କେବଳ ରୋଗ ନିର୍ଣ୍ଣୟରେ ସହାୟକ ହେବ ନାହିଁ, ବରଂ ବ୍ୟକ୍ତିଗତ ଚିକିତ୍ସା ଯୋଜନା ପ୍ରସ୍ତୁତ କରିବା, ନୂତନ ଔଷଧ ବିକାଶ କରିବା, ଏବଂ ସ୍ୱାସ୍ଥ୍ୟସେବା ପ୍ରଣାଳୀକୁ ଅଧିକ ଦକ୍ଷ କରିବାରେ ମଧ୍ୟ ସହାୟକ ହେବ । AI ଡାକ୍ତରମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସହାୟତା କରିବ, ସେମାନଙ୍କ ଉପରୁ କାର୍ଯ୍ୟଭାର ହ୍ରାସ କରିବ ଏବଂ ସେମାନଙ୍କୁ ରୋଗୀଙ୍କ ସହିତ ଅଧିକ ସମୟ ବିତାଇବାକୁ ସୁଯୋଗ ଦେବ । ତେଣୁ, AIକୁ ସ୍ୱାସ୍ଥ୍ୟସେବାରେ ଏକ ବିକଳ୍ପ ଭାବରେ ନୁହେଁ, ବରଂ ଏକ ସହାୟକ ଉପକରଣ ଭାବରେ ଦେଖିବା ଉଚିତ୍ । ଏହି ନୂତନ ପ୍ରଯୁକ୍ତିବିଦ୍ୟାକୁ ସଠିକ୍ ଭାବରେ ବ୍ୟବହାର କରିବା ପାଇଁ ସରକାର, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ପ୍ରଯୁକ୍ତିବିଦ୍ୟା କମ୍ପାନୀ ଏବଂ ଗବେଷକମାନଙ୍କ ମଧ୍ୟରେ ସହଯୋଗ ଅତ୍ୟନ୍ତ ଜରୁରୀ । ଏକ ସୁରକ୍ଷିତ, ନୈତିକ ଏବଂ ପ୍ରଭାବଶାଳୀ AI ସ୍ୱାସ୍ଥ୍ୟସେବା ପ୍ରଣାଳୀ ବିକାଶ କରିବା ପାଇଁ ସମସ୍ତଙ୍କୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ପଡ଼ିବ । ଏହାଦ୍ୱାରା ମାନବ ସମାଜ ଏକ ସୁସ୍ଥ ଏବଂ ଉନ୍ନତ ଭବିଷ୍ୟତ ଆଡ଼କୁ ଅଗ୍ରସର ହୋଇପାରିବ।

# ଆଡପ ମଣ୍ଡପରେ ହେରା ପଞ୍ଚମୀ ମହୋତ୍ସବ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଜୀବନ ଶୈଳୀ କୌଣସି ସାଧାରଣ ମଣିଷ ଜୀବନଠାରୁ ପାର୍ଥକ୍ୟ ନୁହେଁ। ପ୍ରଭୁଙ୍କର ଦୈନନ୍ଦିନ ର କାର୍ଯ୍ୟ କଳାପ, ଯାନୀ ଯାତ୍ରା, ପର୍ବ ପର୍ବାଣି ଏବଂ ପ୍ରତ୍ୟେକ ଟି ମୁହୂର୍ତ ଏକ ସାଧାରଣ ମଣିଷର ଜୀବନ ପରି ଘଟଣା ପୁର୍ଣ୍ଣ। ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ହେଲେ ମଧ୍ୟ ତାଙ୍କର ଲୀଳାଖେଳା ଆମ ମଣିଷଙ୍କ ପରି । ତାଙ୍କର ଏହି 'ମାନବୀୟ ଲୀଳା'ର ଗୋଟିଏ ନିଦର୍ଶନ ହେଉଛି 'ହେରା ପଞ୍ଚମୀ' । ଏହା ଶ୍ରୀଜଗନ୍ନାଥ ଓ ଦେବୀ ଲକ୍ଷ୍ମୀଙ୍କର ଏକ 'ଦାମ୍ପତ୍ୟ-ଲୀଳା'। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗୁଣ୍ଡିଚା ମହୋତ୍ସବର ଉପଯାତ୍ରା ହେଉଛି 'ହେରା ପଞ୍ଚମୀ '। "ହେରା" ଶବ୍ଦର ଅର୍ଥ 'ଦର୍ଶନ' ଏବଂ "ପଞ୍ଚମୀ" ଶବ୍ଦର ଅର୍ଥ 'ପଞ୍ଚମ ଦିନ'। ଅନ୍ୟ ଏକ ଅର୍ଥରେ କହିବାକୁ ଗଲେ 'ହେରା' ତଥା 'ହେରିବା' ଅର୍ଥ 'ଚାହିଁବା' ଅର୍ଥାତ ଆଷାଢ଼ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିବା ପ୍ରଭୁ ଜଗନ୍ନାଥଙ୍କୁ ଶ୍ରୀମନ୍ଦିରରୁ ମାଆ ଲକ୍ଷ୍ମୀ ଚାହିଁବା ତଥା ଦେଖିବାକୁ ଯାଆନ୍ତି। ରୁକ୍ମିଣୀ ହରଣ ଏକାଦଶୀରେ ବିବାହ ପରେ ମହାପ୍ରଭୁ ଚତୁର୍ଦ୍ଦଶୀ ତିଥି ଦିନ ସ୍ନାନବେଦୀରେ ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପଡ଼ି ଅଣସର ଘରେ ରୁହନ୍ତି। ଜ୍ୱର ଭଲ ହେଲା ପରେ ଅଣସର ଘରୁ ବାହାରି ମହାପ୍ରଭୁ ଭାଇ-ଭଉଣୀଙ୍କୁ ଧରି ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ରଥରେ ବସି ବୁଲିବାକୁ ଚାଲି ଯାଆନ୍ତି। ମାଆ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର ମହାନ ଗୁଣ୍ଡିଚା ଉତ୍ସବରେ ବାଦ୍ ପଡ଼ିଯାଆନ୍ତି। ମହାପ୍ରଭୁ ସ୍ୱୟଂ ବଡଭାଇ ବଳଭଦ୍ର ଭଗିନୀ ସୁଭଦ୍ରାଙ୍କୁ ନେଇ ଜନ୍ମବେଦୀକୁ ଯାତ୍ରା କରୁଥିବା ସମୟରେ ଲକ୍ଷ୍ମୀ ରହିଯାଆନ୍ତି ଶ୍ରୀମନ୍ଦିର ଭିତରେ । ତେଣୁ ଗୋଟେ ପଟେ ଶ୍ରୀଜଗନ୍ନାଥଙ୍କର ଉଦାସୀନତା ଓ ଅପରପକ୍ଷରେ ମାଆ ଲକ୍ଷ୍ମୀଙ୍କର ଅଭିମାନ । ମାଆ ଲକ୍ଷ୍ମୀ ଠାକୁରାଣୀଙ୍କ ଅଙ୍ଗବାସରୁ ବିବାହ ଗଇଣ୍ଠାଳ ଫିଟି ନଥିବା ସମୟ ତଥା ନବବିବାହିତା ମାଆ ଲକ୍ଷ୍ମୀ ଠାକୁରାଣୀ ପାଞ୍ଚ ଦିନର ବିରହ ବେଦନା ସହ୍ୟ କରି ନ ପାରି ଖୁବ୍ ଦୁଃଖୀ ହୁଅନ୍ତି। 'ଯାତ୍ରା ଭାଗବତ' ଓ 'ବାମଦେବ ସଂହିତା' ଆଦିରେ ଏ ସଂପର୍କରେ ରୋଚକ ବର୍ଣ୍ଣନା ଅଛି । 'ବାମଦେବ ସଂହିତା'ରେ କୁହାଯାଇଛି ଯେ ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ଶ୍ରୀଜଗନ୍ନାଥ ଗୁଣ୍ଡିଚାଘରକୁ ଚାଲିଯିବା ପରେ, ବିରହ ବିଧୁରା ଲକ୍ଷ୍ମୀ ନିଜ ମନର ବ୍ୟଥାକୁ ଶ୍ରୀମନ୍ଦିର ପରିସରରେ ଥିବା ଭଗିନୀପ୍ରତିମା ବିମଳା ଦେବୀଙ୍କ ନିକଟରେ ଯାଇ କହନ୍ତି । ଏହାର ପ୍ରତିକାର ପାଇଁ ତାଙ୍କର ପରାମର୍ଶ ଲୋଡ଼ନ୍ତି । ଦେବୀ ବିମଳା ତାଙ୍କୁ ସାନ୍ତ୍ୱନା ଦେଇ କହନ୍ତି ଯେ ସ୍ୱାମୀ ଯଦି କେବେ ଅବିବେକୀ ପରି ଆଚରଣ କରନ୍ତି ବା ସ୍ତ୍ରୀ କୁ ଅଣଦେଖା କରନ୍ତି ତେବେ ତାଙ୍କୁ କୌଶଳ କରି ନିଜ ଆଡ଼କୁ ଆଣିବାକୁ ପଡ଼େ । ତେଣୁ ତୁମେ ତାଙ୍କୁ ନିଜ ଆଡକୁ ଆକର୍ଷିତ କରିବାପାଇଁ ତାଙ୍କ ଉପରେ 'ମୋହନଚୂର୍ଣ୍ଣ' ପ୍ରୟୋଗ କର । ଏହା କହି ଦେବୀ ବିମଳା, ଲକ୍ଷ୍ମୀଙ୍କୁ 'ମୋହନଚୂର୍ଣ୍ଣ' ବି ଦିଅନ୍ତି। ମାଆ ବିମଳାଙ୍କ ପରାମର୍ଶ କ୍ରମେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆଷାଢ଼ ଶୁକ୍ଳପଞ୍ଚମୀ ଦିନ ନିଶାର୍ଦ୍ଧରେ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗୋପନ ଯାତ୍ରା କରନ୍ତି। ମାଆ ଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅଧିଷ୍ଠିତ ମହାପ୍ରଭୁ ଜଗନ୍ନାଥଙ୍କୁ ନିଜ ରାଗ ଓ ଅଭିମାନର ପ୍ରତୀକ ନନ୍ଦିଘୋଷ ରଥରୁ ଖଣ୍ଡିଏ କାଠ ଭାଙ୍ଗି ଦିଅନ୍ତି ଓ ଏହା ସହିତ ମାଆ ଲକ୍ଷ୍ମୀ ମଧ୍ୟ ଶ୍ରୀଜୀଉଙ୍କର ଦର୍ଶନ କରିଥାନ୍ତି ଓ ମାଆ ବିମଳା ଦେଇଥିବା ମୋହନଚୂର୍ଣ୍ଣ କୁ ମହାପ୍ରଭୁ ଉପରକୁ ନିକ୍ଷେପ କରନ୍ତି। ଏଥିରୁ ମନେ ହୁଏ ସ୍ୱୟଂ ମହାପ୍ରଭୁ ମା ଲକ୍ଷ୍ମୀଙ୍କର ଏହି ରାଗ, ଅଭିମାନ ଓ ମାନଭଞ୍ଜନ ପାଇଁ ସ୍ନେହ ଏବଂ ପାର୍ଥନା ପୂର୍ବକ ମାଆଙ୍କୁ ବୁଝାଇ ଥାଆନ୍ତି ।

କିମ୍ବଦନ୍ତୀ ଅନୁସାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପବିତ୍ର ତଥା ପ୍ରସିଦ୍ଧ ରଥଯାତ୍ରା ଦିନ ମାଆ ଲକ୍ଷ୍ମୀଙ୍କୁ ପ୍ରତିଶୃତି ଦେଇଥିଲେ ଯେ ମାତ୍ର ଏକ ଦିନ ପରେ ସେ ମାଉସୀ ମାଆଙ୍କ ଘରୁ ଶ୍ରୀମନ୍ଦିରକୁ ଫେରି ଆସିବେ। ମାତ୍ର ଯେତେବେଳେ ମହାପ୍ରଭୁ ପାଞ୍ଚ ଦିନ ପର୍ଯ୍ୟନ୍ତ ନ ଫେରନ୍ତି ମାଆ ଲକ୍ଷ୍ମୀଙ୍କର ସହନଶୀଳତା ଅସମ୍ଭାଳ ହେବାରୁ ଅତ୍ୟନ୍ତ କ୍ରୋଧର ସହ ମହାଲକ୍ଷ୍ମୀ ଅନ୍ଧାର ରାତିରେ ଏକ ପାଲିଙ୍କିରେ ବସି ମାଉସୀ ମାଆ ମନ୍ଦିରକୁ ଆସନ୍ତି । ମହାପ୍ରଭୁଙ୍କୁ ଗୋପନୀୟ ଭାବେ ଦର୍ଶନ କରିବା ପରେ ଏବଂ ଗୁଣ୍ଡିଚା ମନ୍ଦିର ବାହାରୁ ପୂଜା କରନ୍ତି । ଏହାପରେ ମାଆ ଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ରାଗି କ୍ରୋଧରେ ନନ୍ଦିଘୋଷ ରଥକୁ କ୍ଷତ କରି ଥାଆନ୍ତି ତଥା ନନ୍ଦିଘୋଷ ରଥର ସାରଥୀଙ୍କର ହାତ ଭାଙ୍ଗି ଦେଇ ନିରାଡ଼ମ୍ବର ଶୋଭାଯାତ୍ରାରେ ପୁନର୍ବାର ଶ୍ରୀମନ୍ଦିରକୁ ଫେରି ଆସନ୍ତି । ଏହି ଐତିହାସିକ ପାରମ୍ପରିକ ବୃତାନ୍ତ ଉପରେ ଆଧାରିତ ଉତ୍ସବକୁ "ହେରା ପଞ୍ଚମୀ" ମହୋତ୍ସବ କୁହଯାଏ।

ହେରା ପଞ୍ଚମୀ ନୀତି ଅନୁସାରେ ହେରାପଞ୍ଚମୀ ଦିନ ଶ୍ରୀମନ୍ଦିରର ଭଣ୍ଡାର ଘରଠାରୁ ଶ୍ରୀଦେବୀ ତଥା ଲକ୍ଷ୍ମୀଙ୍କୁ ମହାଜନ ସେବକ ବିମାନକୁ ବିଜେ କରାଇ ଆଣନ୍ତି । ବିମାନବଡୁ ସେବକ ତାଙ୍କୁ ଆଡ଼ମ୍ବରପୂର୍ଣ୍ଣ ଘଣ୍ଟ, ବାଜା ଓ କାହାଳୀ ଆଦି ସହିତ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଥିବା ରଥ ନିକଟକୁ ନେଇ ଯାଆନ୍ତି । ସେଠାରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଚିହ୍ନଟ କରିସାରି, ଦେବୀ ଲକ୍ଷ୍ମୀ ସେହି ରଥ ନିକଟରେ ବିମାନରେ ବସି ରହିଥିବା ବେଳେ, ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ତାଙ୍କର ବନ୍ଦାପନା ଓ ଅର୍ଚ୍ଚନା କରନ୍ତି। ତାହା ପରେ ଦେବୀଙ୍କ ବିମାନ ଶ୍ରୀଗୁଣ୍ଡିଚା ମନ୍ଦିରର ଜୟବିଜୟ ଦ୍ୱାର ନିକଟକୁ ଯାଏ । ସେହିଠାରେ ବିମାନରେ ଥାଇ, ସେ ବିମଳାଦେବୀଙ୍କଠାରୁ ଆଣିଥିବା 'ମୋହନଚୂର୍ଣ୍ଣ' ଶ୍ରୀଜଗନ୍ନାଥଙ୍କ ଉପରକୁ ନିକ୍ଷେପ କରନ୍ତି । ତାହାର ଫଳ ମଧ୍ୟ ତାଙ୍କୁ ତୁରନ୍ତ ମିଳେ । ଶ୍ରୀଜଗନ୍ନାଥଙ୍କଠାରୁ ତାଙ୍କୁ ଆଜ୍ଞାମାଳ ଦିଆଯାଏ । ତାହା ମାଧ୍ୟମରେ ଶ୍ରୀଜଗନ୍ନାଥ ତାଙ୍କୁ ପ୍ରତିଶ୍ରୁତି ଦିଅନ୍ତି ଯେ ତିନିଦିନ ପରେ ସେ ଶ୍ରୀମନ୍ଦିରକୁ ଫେରିଆସିବେ । କିନ୍ତୁ ଏହି ସମୟରେ ଆଉ ଗୋଟିଏ ଘଟଣା ଘଟେ । ସେତେବେଳକୁ ସଂଧ୍ୟାଧୂପର ସମୟ ହୋଇଯାଇଥିବାରୁ 'ଟେରା' ଅର୍ଥାତ୍ କନାର ଏକ ଆବରଣ ପଡ଼ିଯାଏ ଏବଂ ଦେବୀ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର ଶ୍ରୀମୁଖକୁ ଆଉ ଅଧିକ ସମୟ ଦର୍ଶନ କରିପାରନ୍ତି ନାହିଁ । ସେଥିରେ ସେ ରୁଷ୍ଟ ହୁଅନ୍ତି । ପୁନଶ୍ଚ 'ନନ୍ଦିଘୋଷ' ରଥ ପାଖକୁ ଆସି ସେଥିରୁ ଖଣ୍ଡିଏ କାଠ ଭାଙ୍ଗିଦେଇ ଚାଲିଯାଆନ୍ତି । ଏହାକୁ ଦେବୀ ଲକ୍ଷ୍ମୀଙ୍କ କ୍ରୋଧର ପରିପ୍ରକାଶ ବୋଲି ସାଧାରଣତଃ କୁହାଯାଇଥାଏ । କିନ୍ତୁ ଏହା ତାଙ୍କର କ୍ରୋଧ ନୁହେଁ । ଏହା ତାଙ୍କର ପତି-ପ୍ରୀତିର ନିଦର୍ଶନ । ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ସହିତ ଫେରିବାର ପ୍ରତିଶ୍ରୁତି ପାଇବା ପରେ, ଆଉ କ୍ରୋଧର ଅବକାଶ ନଥାଏ । କିନ୍ତୁ ଅଧିକ ସମୟ ସ୍ୱାମୀଙ୍କ ଶ୍ରୀମୁଖ ଦର୍ଶନ ନକରି ପାରିବା ନେଇ ତାଙ୍କ ମନରେ କ୍ଷୋଭ ଜାତ ହୁଏ । ତାହାର ପରିପ୍ରକାଶ ଘଟେ 'ନନ୍ଦିଘୋଷ'ର ରଥକାଠ ଭଙ୍ଗାରେ । 'ହେରାପଞ୍ଚମୀ' ଯାତ୍ରାରେ ଯିବାବେଳେ ଦେବୀ ଲକ୍ଷ୍ମୀ ଘଣ୍ଟ, ବାଜା ଓ କାହାଳୀ ସହିତ ରଥମାର୍ଗ ତଥା ବଡ଼ଦାଣ୍ଡ ଦେଇ ଯାଇଥାଆନ୍ତି କିନ୍ତୁ ରଥକାଠ ଭାଙ୍ଗି ଫେରିବା ବେଳେ ସେ ବିନା ଘଣ୍ଟ, ବାଜା, କାହାଳୀରେ, ହେରାଗୋହିରୀ ସାହି ବାଟ ଦେଇ ଫେରନ୍ତି । ମାଆ ଲକ୍ଷ୍ମୀ ରଥକାଠ ଭାଙ୍ଗିବା କାର୍ଯ୍ୟ ଠିକ୍ ? ହେଲାନାହିଁ ବୋଲି ହୃଦ୍ ?ବୋଧ କରି ନିଜକୁ ଅପରାଧୀଟିଏ ଭାବି ହେରା ଗୋହିରୀ ସାହି ବାଟଦେଇ, ଲୁଚିଲାପରି, ବିନା ଘଣ୍ଟ , ବାଜା ଓ କାହାଳୀରେ ଶ୍ରୀମନ୍ଦିରକୁ ଫେରନ୍ତି ।

ଅରଙ୍ଗାବାଦ, ବରୀ , ଯାଜପୁର
ମୋ : ୮୨୪୯୫୦୨୭୭୬

# ଆଡ଼ପ ଅବକାଶେ ହେରାପଂଚମୀ

ବିପିନ ବିହାରୀ

ଆଷାଢ଼ ଶୁକ୍ଳ ଦ୍ୱିତୀୟାଦିନ ଜିଉମାନଙ୍କର ଶ୍ରୀମନ୍ଦିରରୁ ରଥଯୋଗେ ଆଡ଼ପ ମଣ୍ଡପ ଅର୍ଥାତ୍ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯେଉଁ ଯାତ୍ରା ହୁଏ, ତାକୁ ଆଡ଼ପଯାତ୍ରା ଅଥବା ଶ୍ରୀଗୁଣ୍ଡିଚା ଯାତ୍ରା କିୟା ସେମିତି କିଛିରେ ନାମିତ ହୋଇଥାଏ । ସେଦିନ ଜିଉମାନଙ୍କର ଆଡ଼ପ ପ୍ରବେଶ ନ ହୋଇ ରାତିଟି ଆଡ଼ପ ମଣ୍ଡପ ବାହାର ପ୍ରାଙ୍ଗଣେ କଟିଥାଏ ଓ ଏବଂ ପରଦିନ ଯଥାରୀତି ପହଣ୍ଡି ବିଜେ ସହ ଆଡ଼ପ ସିଂହାସନ ବିଜେ ହୋଇଥାଏ । ଜିଉମାନେ ସାତଦିନ ଯାଏଁ ଆଡ଼ପ ଅବସ୍ଥାନ କରନ୍ତି । ରଥଯାତ୍ରାର ପଂଚମ ଦିବସ ଅର୍ଥାତ୍ ଆଷାଢ଼ ଶୁକ୍ଳ ଷଷ୍ଠୀକୁ ହେରାପଞ୍ଚମୀ କହନ୍ତି । ଆଡ଼ପ କାଳର ହେରାପଂଚମୀ ଏକ ପ୍ରଧାନ ପର୍ବ । ଏହାକୁ ସାଧାରଣତଃ ହେରାପଂଚମୀ , ହେରୋତ୍ସବ ବା ଲକ୍ଷ୍ମୀଙ୍କ ବିଜେ ଉତ୍ସବ ବୋଲି କୁହାଯାଏ। 'ହେରା' ଅର୍ଥ 'ଦେଖା ବା ଦର୍ଶନ ' । ଏହି ଦିନ ଲକ୍ଷ୍ମୀଙ୍କର ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଗୁଣ୍ଡିଚା ମନ୍ଦିରକୁ ଗୁପ୍ତ ଗମନ ହୋଇଥାଏ । ବାମଦେବ ସଂହିତାରେ ଉଲ୍ଲେଖ ଅଛି:

"ଦ୍ୱିତୀୟା ପଞ୍ଚମଦିନେ
ତୟୀ ଯାତ୍ରା କୃତ ପ୍ରିୟେ ।
ଧବଂସା ଦୀକ୍ଷିତୁ ତତ୍ର
ଗୁପ୍ତଯାତ୍ରା କୃତାତାୟା ॥"

ଏହିଦିନ ଶ୍ରୀମନ୍ଦିରର ଲକ୍ଷ୍ମୀ ଠାକୁରାଣୀଙ୍କର ମାଜଣା ବଢ଼ିସାରି ବନକ ଲାଗିପରେ ପାଟ ଅଳଙ୍କାର ଇତ୍ୟାଦି ରେ ତାଙ୍କୁ ବିଭୂଷିତ କରାଯାଏ । ଏହାପରେ ପଡିରୋଗ ପରେ ତାଙ୍କ ବିଜେ ପ୍ରତିମାକୁ ବଟବୃକ୍ଷ ମୂଳେ ଅପେକ୍ଷା କରାଯାଇଥିବା ପାଲିଙ୍କିରେ ବିଜେ କରାଯାଏ । ଏଥିଅନ୍ତେ ଏହି ବିଜେ ପ୍ରତିମାକୁ ଛତି, ତ୍ରାଶ, ଘନ୍ଟ, କାହାଳୀ ଇତ୍ୟାଦି ସଲଟଣରେ ରାତ୍ରିକାଳରେ ଗୁଣ୍ଡିଚା ମନ୍ଦିରକୁ ନିଆଯାଏ। ଏଥିରେ ଲକ୍ଷ୍ମୀଙ୍କର ସେବକ ଓ ଦେବଦାସୀମାନେ ଯୋଗ ଦେଇଥାନ୍ତି । ସେଠାରେ ଶ୍ରୀ ଜଗନ୍ନାଥଙ୍କ ରଥ ପାଖରେ ପ୍ରଥମେ ପ୍ରସାଦ ଲାଗି ଓ ବନ୍ଦାପନା ଆଲଟ ଚାମରନୀତି ହୋଇ ଘଷା ବିଡ଼ିଆ ଓ ଦହିପଟି ।ଲାଗିପରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରାଯାଏ । ମହାଲକ

# କବିତାମାଳା

୪ ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୦୧ ଜୁଲାଇ ୨୦୨୫, ମଙ୍ଗଳବାର


## ସବୁବେଳେ ତୁମ ପାଶେ


ପ୍ର. ଗିରିଜା ଶଂକର ଶର୍ମା

ହସର ତରଂଗରେ
ପହଁରୁଥାଏ, ତୁମେ ପାଖରେ ଥିବା ଖବର ।
ଖୋଲା କେଶର ବାସ୍ନା ବି ଜଣାଏ
ତୁମେ ଯାଇପାରି ନାହିଁ ବେଶୀ ଦୂର ।

ଏମିତି କଣ ହେଲା ଯେ ?
ବଦଳି ଗଲା ପୃଥିବୀ
ଇଂଦ୍ରଧନୁ ବି ଫିକା ପଡ଼ିଗଲା
ପୁରୁଣା ବସ୍ତ୍ର ପରି ।
ଆକାଶର ନିଳୀମା ଉଦାସିଆ ମେଘର
କବ୍‌ଜାରୁ
ମୁକ୍ତି ପାଇବା ପାଇଁ ଖୋଜୁଥାଏ ରାସ୍ତା ।

ମୋର ଇଚ୍ଛା ହୁଏ ମୃଦୁ ମଳୟରେ
ଆମେ ଚାଲୁଥାନ୍ତେ ମାଇଲ୍ ମାଇଲ୍
ଏପ୍ରିଲ ସଂଧ୍ୟାର ଅନୁଜ୍ଜ୍ୱଳ ଆଲୋକରେ
ହାତ ଗଣତି ତାରାଙ୍କ ସାଥିରେ
ଦିଗହରା ପକ୍ଷୀଙ୍କୁ ରାସ୍ତା ଦେଖାଇ
ଆମେ କହୁଥାନ୍ତେ-
ଫେରି ଯା'ରେ ପକ୍ଷୀ
ତୋ ନିଜ ନୀଡ଼କୁ ।

ମୋର ତ ଇଚ୍ଛା ହୁଏ
ଆକାଶରେ ଉଡ଼ି ବୁଲିବାକୁ ।
ନହେଲେ ନୀଳ ନୀଳ ଆଖିର ନୀଳ ସମୁଦ୍ରରେ
ବାରଂବାର ଡୁବିବାକୁ ।
ତୁମକୁ ଦେଖେଇ ଦେବାକୁ, ଗୋଟିଏ ସୁନ୍ଦର
ଦୁନିଆଁ,

ଏବେ ମୁଁ ନିଜ ବୃତ୍ତର ବାହାରେ
ଖୋଜୁଛି ନିରାପଦ ସ୍ଥାନଟିଏ
ଯେଉଁଠି ସର୍ବଦା ପହଁରୁ ଥିବ
ତୁମ ହସର ତରଂଗ,
ଗୁଂଜରୁ ଥିବ କୋକିଳର ସୁମଧୁର ସ୍ୱର
ଜୀବନର ମଧୁର ଝଂକାର ।


+ଧନକଉଡ଼ା, ସଂବଲପୁର- ୭୬୮୦୦୬
ମୋ: ୮୯୧୭୪୯୪୦୯୫


## ଶ୍ରୀକ୍ଷେତ୍ର


ଗୌରାଙ୍ଗ ଚନ୍ଦ୍ର ଦାଶ

ସମସ୍ତ କିମ୍ବଦନ୍ତୀ ଏଠି
ବାଲି ତଳେ ପୋତି ହେଇଯାଏ
ବାଟ ଭୂଲି ଚାଲିଯାନ୍ତେ ଭକ୍ତଜନେ
କେଉଁ ମିଛ ସାମ୍ରାଟର କ୍ରୁର ନିର୍ଦ୍ଦେଶରେ ।

ତ୍ରେତା ହେଉ ବା ଦ୍ୱାପର ହେଉ
ପୃଷ୍ଠା ପରେ ପୃଷ୍ଠା ଇତିହାସ ପରି
ମାଦଳା ପାଞ୍ଜି ଏଠି
ଜରାର୍ଜିଣ୍ଣ ଅବସ୍ଥାରେ ପଡିରହେ ।

ଯୁଗ ପରେ ଯୁଗ ବିତିଯାଏ
ମୂର୍ତିମାନଙ୍କ ଉପରେ ଧୂଳି ଜମିଯାଏ
ମଂଡପ ସବୁ ଅନ୍ଧାର ହୁଏ
ଖାଲି ଭଜନର ଭଗ୍ନା ବଶେଷ
ଅନ୍ଧର ବାଡ଼ିରେ ମିଶିଯାଏ ।

ଜଳନ୍ତା ବାଲି ଚକ ଚକ କରୁଥାଏ
ଚାରିଆଡ଼େ ଖାଲି ବାଲି/
ଖାଲି ବାଲି
ଭିକାରୀମାନଙ୍କ ଅଚଳ ପଇସା ସବୁ
ସମୁଦ୍ର ଲହଡି ଶବ୍ଦରେ ଭିଜିଯାଏ ।

ନାମହୀନ ବଡ଼ଦାଣ୍ଡ ଆଷାଢ଼ ଦ୍ୱିତୀୟାରେ
ଲୋକାରଣ୍ୟ ହୋଇଉଠେ
ନିଷ୍ଠିହ୍ନ ପୁଣି ନିଷ୍ଠିହ୍ନ ହୋଇଯାଏ ପୁନର୍ଜନ୍ମ ।।


+ଘର ନଂ ସି/୯୨, ସେକଟର ୨୨,
ରାଉରକେଲା ୭୬୯୦୦୭,
ମୋ ୯୪୩୮୦୦୨୭୧୬


## ଦୁଃଖ ସୁଖ


ଆଦ୍ୟାଶା ମହାପାତ୍ର

ଦୁଃଖ ସୁଖ ଯିଏ ସହେ ନିର୍ବିକାରେ
ମହତ ଲୋକରେ ଗଣା
ଦୁଃଖେ ମର୍ମାହତ ହେବ ଯେବେ ଲୋକ
ସ୍ୱପ୍ନ ହୁଏ ବାଟବଣା ।।

ରାତି ଥାଏ ବୋଲି ଦିନ ଆଣିଥାଏ
ନୂଆ ଏକ ଅନୁଭବ
ଦୁଃଖ ପଶ୍ଚାତରେ ସମ୍ୟକ ଖୁସିରେ
ଲାଗେ ମର୍ତ୍ତ୍ୟଲୋକ ସ୍ୱର୍ଗ ।।

ଲାଗେ ପରା ଦୁଃଖ ଚିର ସହଚର
ସୁଖ ଟି ଅତିଥି ଭଳି
ସୁଖ ଦୁଃଖ କେବେ କପାଳ ଲିଖନ
ନ ହୁଏ ସହଜେ କଳି ।।

କେବେ ପୁଣି ଦୁଃଖ ଆପଣା ଅର୍ଜିତ
କଲା କର୍ମଫଳ ମାନ
ସୁଖ କେବେ ମିଳେ ଆଶିର୍ବାଦ ହୋଇ
ଦୁଃଖ ଭାର କରେ ମ୍ଳାନ ।।

ଜଣକ ପାଇଁ ଯା ସୁଖ ସଉରଭ
ଆନ ପାଇଁ ବାଢେ ଦୁଃଖ
କାହା ପାଇଁ ଖେଳ ଆନ ପାଇଁ କାଳ
ସୁଖ ଦୁଃଖ ଆପେକ୍ଷିକ ।।

ହାତେଇବା ପାଇଁ ସୁଖକୁ ମଣିଷ
ଆଦରେ ଅମାପ ମୋହ
ସେଇ ସୁଖ ସାଜେ ଦିନେ ମରୀଚିକା
ଦୁଃଖ କରଇ ଅଥୟ ।।

ସହିଥିଲେ ଦୁଃଖ ପଶ୍ଚାତରେ ନିଶ୍ଚେ
ପ୍ରାପ୍ତ ହୁଏ ସୁଖ ଭୋଗ
ବିଭୁ ପାଦତଳେ ଲୟେ ଉପଲବ୍ଧି
ସୁଖ ଦୁଃଖ ସମ ଭାଗ ।।


+ ନୂଆପଡା, କଟକ
ମୋ: ୯୪୩୮୨୭୫୫୪୨


## ସାତୋଟି ଏକପଦୀ


ଭରତ ଚନ୍ଦ୍ର ଦାଶ

।। ଏକ ।।
ମୁକ୍ତ ନିକି କେଶ ଫୁଲର ସୁବାସ
ଶ୍ୱେତ ଲୋହିତର ଜବା
ଗୋଲାପୀ ଅଧର ମୁକ୍ତ ସୁଧାଝରର
ବିକସିତ ପ୍ରୀତି ଆଭା ।

।। ଦୁଇ ।।
ମୋ ହୃଦୟେ ତୁମେ ନୀଡ ଟେ ରଚିଛ
ସେନେହ ସରାଗ ଦେଇ
ତୁମେ ମୋ ହୃଦୟ ଖାଲି ପ୍ରେମମୟ
ବିରହ ପାରେନି ସହି ।

।। ତିନି ।।
ପ୍ରେମ ଅଛି ବୋଲି ଯମୁନା ବୋହୁଛି
କଦମ୍ବ ଫୁଟଇ ବନେ
ପ୍ରେମିକା ମୁଁ ତୁମ ତୁମେ ମୋ ପ୍ରେମିକ
ଝୁରୁଛି ଆପଣା ମନେ ।

।। ଚାରି ।।
ମୋ ହୃଦୟ ସହ ତୋ ହୃଦ ମିଶିଲା
ଦୂରତା ଦୂରେଇ ଯିବ
ମୋ ହୃଦ ସ୍ପନ୍ଦନ ତୋ ହୃଦୟେ ସଖି
ହେଉଥିବ ଅନୁଭବ ।

।। ପାଞ୍ଚ ।।
ପ୍ରେମିକ ହୋଇବା ସହଜ ଗୋ ସଖି
ପ୍ରେମିକା ହୋଇବା କଷ୍ଟ
ସମର୍ପଣ ପ୍ରାଣ ତ୍ୟାଗରେ କଷଣ
ପ୍ରେମିକାପଣର ରିଷ୍ଟ ।

।। ଛଅ ।।
ପ୍ରେମିକ ମନରେ ଭ୍ରମୁଥାଏ ମନ
କବିତାର ଖିଅ ଖୋଜି
ପ୍ରୀତି ମୋର ଦେହ ସୃଜନର ଖିଅ
ନିରନ୍ତରେ ଲୋଡ଼େ ଆଜି ।

।। ସାତ ।।
ମୃତ ପ୍ରାୟ ସଖି ଭୂମିରେ ଲୋଟୁଛି
ଅପ୍ରେମ ଜୀବନ ପାଇ
ତୁମେ ତା ବୁଝନା ପ୍ରେମୀର ହୃଦୟ
ନିରଳସେ ଯାଏ ଶୋଇ ।


+ପ୍ରାକ୍ତନ ସଦସ୍ୟ,
ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର - ୭୫୬ ୧୨୬
ମୋ: ୮୮୪୪୩୯୧୬୬


## ହେ ଜଗନ୍ନାଥ !


ରତ୍ନପ୍ରଭା ବାଇ

ହେ ଜଗନ୍ନାଥ !
ବଢାଇ ଦିଅ ତୁମରି ହାତ
ଲଗାଇ ଦିଅ ହେ ଡୋରି
ଯିବି ମୁଁ ଶ୍ରୀକ୍ଷେତ୍ର ପୁରୀ
ଦେଖିବି ନୟନେ ରଥଯାତ।

ଚାହିଁ ଚାହିଁ ଦିନଗଲା
ମାସ ବରଷ ବିତିଲା
ବଡ ଦାଣ୍ଡେ ଦରଶନ
ଆଶା ପୁରଣ ନୋହିଲା
ସରି ଯାଉଛି ଆୟୁଷ- ମନରେ ବଢୁଛି ଶୋଷ
କେବେ ମୋ, ସପନ ହେବ ସତ ।

ଭକତ ଗହଳେ ଡାକ
ଶୁଭେନା କି କଳା ମୁଖ
ଭାବେ କି ଅଭାବ ହେଲା
ବୋଲି ହୋଇଛି ବିମୁଖ
ଦେଖ ମୋ, ହୃଦ କନ୍ଦର- ବସିଛ ଘନ ସୁନ୍ଦର
ବିଶ୍ୱାସେ ବାନ୍ଧିଛି ଅବିରତ ।।
ହେ ଜଗନ୍ନାଥ !!


ସଂପାଦକ- ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର, ଅନୁଗୁଳ
ମୋ-୯୩୩୭୯୭୨୭୪୯


## ଧନ୍ୟ ମୋ କଳା ଗୋସାଇଁ


ଧ୍ରୁବ ଚରଣ ବେହେରା

ବରଷକେ ପରେ ରତ୍ନବେଦୀ ତେଜି
ଆସିଛି କାଳିଆ ହସି
ସାଥିରେ ନେଇକି ଭାଇ ଭଉଣୀକୁ
ମନେ ମନେ ହୋଇ ଖୁସି ।।

ବାଟରେ ଖାଇକି ମିଠା ପୋଡ ପିଠା
ଭକ୍ତ ମେଳେ ଝୁଲି ଝୁଲି
ମାଉସୀ ମାଆର ଘରକୁ ଆସିଛି
ଆଡପ ମଣ୍ଡପେ ବୁଲି ।।

ନଅ ଦିନ ଲାଗି କଳାକାହୁ ମୋର
ଶ୍ରୀମନ୍ଦିର ତେଜି ଦେଇ
ଲକ୍ଷ୍ମୀ ସାଆଁନ୍ତାଣୀ ଛାଡି ଦେଉଳରେ
ଆସିଛି ମୋ ଧନ ଧାଇଁ ।।

ସେଥି ଲାଗି ପରା ମୋ ଘର ମନ୍ଦିର
ହସରେ ଉଛୁଳି ଯାଏ
କୋଟି ଭକତର ଭକତି ରେଣୁରେ
ମୋ ମନ୍ଦିର ଶୋଭା ପାଏ ।।

ଧନ୍ୟ ମୋ ଜୀବନ ହେ କଳାବଦନ
ତୋ ପତି ପୁତ୍ର ଟେ ପାଇ
ଅଗତିର ଦାତା ଦଇବ ବିଧାତା
ଧନ୍ୟ ତୁ କଳାଗୋସାଇଁ ।।

ତୋ ଚକା ଆଖିକୁ ଦେଖି ଦେଲେ ଧନ
କିଛି ମୋର ଲୋଡା ନାହିଁ
ବରଷକେ ଥରେ ଗୁଣ୍ଡିଚା ଯାତରେ
ଆସୁଥାରେ ଧନ ତୁହି ।।

ଅପୂର୍ବ ତୋହର ଲୀଳା ରେ ସାଆନ୍ତ
ନାହିଁ ଜାତି ବର୍ଣ୍ଣ ଭାବ
ଭାବକୁ ନିକଟ ଅଭାବକୁ ଦୂର
ତୁ ମୋର କଳା ମାଧବ ।।


+ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


## ରଥ


ତାରାପ୍ରସାଦ ଜେନା

ଦେହର ରଥକୁ ସୁନ୍ଦର ସଜେଇ
ଦୁନିଆ ଦାଣ୍ଡରେ ଥାଏ
ବାଉଳା ମନର ପଚିଶ ପ୍ରକୃତି
ଅବେଳେ ଭିଡ଼ିକି ନିଏ
ଦେହର ରଥକୁ ସୁନ୍ଦର ସଜେଇ....।

ଆତ୍ମାର ଈଶ୍ୱର ପରମାତ୍ମା ଉଭା
ଜଗନ୍ନାଥ ନାମ ବହି
ଆଷାଢ଼ ମାସରେ ରଥକୁ ଆସନ୍ତି
ଜଗତ ଦେବାକୁ ମୋହି,
ମୋ ରଥ ବଡ଼ିମା ଲଘିମା ହେଉନି
ଭାବରୁ ଦୂରକୁ ହାଏ
ଦେହର ରଥକୁ ସୁନ୍ଦର ସଜେଇ.. ।

ପାଖରେ ଠାକୁର ବୁଝି ମୁଁ ପାରୁନି
ସୁଖର କରୁଛି ହାଟ
ପାର୍ଥିବ ମାୟାରେ ଘାଣ୍ଟି ମୁଁ ହେଉଛି
ବୁଝୁନି ଅଳୀକ ସୁଖ,
କ୍ଷଣିକ ମୋହରେ ମୋ ଦେହ ରଥଟା
ଦୁଃଖର ଆଉଁସା ପାଏ
ଦେହର ରଥକୁ ସୁନ୍ଦର ସଜେଇ.... ।

ଆତ୍ମାର ରଥକୁ ପରମାତ୍ମା ସଙ୍ଗେ
ବିରାଟ ରଥର କ୍ରମ
ଅବୁଝା ପଣକୁ ବୁଝାଇ ଦିଅ ହେ
ରଖନା ସଂସାର ଭ୍ରମ,
ରଥର ଠାକୁର ବାମନ ଦୃଶ୍ୟରେ
ଶରଣାଗତ ମୁଁ ହୁଏ
ଦେହର ରଥକୁ ସୁନ୍ଦର ସଜେଇ... ।


+ରଣପୁର,(ଗୋଡ଼ି ପାଟଣା ସାହି)
ରାଜ ରଣପୁର, ଜିଲ୍ଲା-ନୟାଗଡ଼
ପିନ୍-୭୫୨୦୨୬, ଓଡ଼ିଶା
ମୋ: ୯୩୪୮୦୫୪୩୦୦


## ପରଂବ୍ରହ୍ମ


ଅରୁଣ କୁମାର ଦାସ

ତୁମେ ଅନାଦି, ଅବ୍ୟକ୍ତ
ତୁମେ ଅପରିସୀମ, ଅପରିମିତ
ତୁମେ ମୋ ନିଃଶ୍ୱାସ
ତୁମେ ମୋ ଅଟଳ ବିଶ୍ୱାସ ।

ଜନନୀ ଜଠରୁ ଏନ୍ତୁଡ଼ିଶାଳ
ଷଠିଘରରୁ ସମଶାନ
ସିଂହ ଦୁଆରୁ ସରଗ ଦୁଆର
ସବୁଠିଁ ମୋ ଜୀବନ ପବନ ।

ପାଦେ ପାଦେ ପାଇଛି ତୁମ ସ୍ଖଳିତ ସ୍ପନ୍ଦନ
ପଦେ ପଦେ ଗାଉଛି ତୁମ ଅମୃତ ବନ୍ଦନ ।

ଜାଣେନା କି ଜାଣିନି ତୁମ ଭାବର ଅଭାବ
ଢାଳି ଦେଇଛ ସଦା ମୋତେ
ବଦଳାଇ ଦେଇ ମୋ ସ୍ୱଭାବ ।

ବାନ୍ଧି ହୋଇ ସଂସାର ବନ୍ଧନେ
ମାୟାର ଜାଲରୁ ନ ପାଇଁ ମୁକତି
ଛାଟି ପିଟି ହୁଏ ସଦା
ପାଇବାକୁ ପରମ ପ୍ରାପତି ।

ଅନେକ ଦିନୁଁ ଥିଲା ମୋ ଆଶ
ପାଇବା ପାଇଁ ଟିକେ ପରଶ
ନର ଜୀବନ ହୋଇବ ଧନ୍ୟ
ପୂରଣ ହୋଇବ ସାତ ସପନ ।


+ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ: ୯୯୩୮୭୩୩୦୭୫




## ପ୍ରେମରଂଗ ଚିକୁନ୍ ପଣ୍ଡା

ଇନ୍ଦ୍ରଧନୁର ସାତଟି ରଙ୍ଗ ପରେ ଯେଉଁ ରଙ୍ଗ
ସେ ରଙ୍ଗ, ହେଉଛି ପ୍ରେମରଙ୍ଗ
ନା ତାକୁ ଦେଖି ହୁଏ ନା ଛୁଇଁ,
କେବେ କେବେ ଅନୁଭବ ହୁଏ
ଯେତେବେଳେ ଆଖିରୁ
ଲୁହ ବହି ଆସେ ନଈ ହୋଇ।

ବେଶ୍ ରୋମାଞ୍ଚକର ଏ ଭାବନା
ଯେତେବେଳେ ଶୂନ୍ୟତାରେ
କାହାର ସ୍ପର୍ଶ ଅନୁଭବ ହୁଏ
ହୃଦୟର ଧକ୍ ଧକ୍ ଆପେ ଆପେ ବଢିଯାଏ
ଆନମନା ଭାବନା ରେ ବିଞ୍ଚି ହେଇଯାଏ
କଳ୍ପନାର ସୁନେଲୀ ମୁରୁଜ ।

ଆଖି ଚାହିଁ ରହେ ତାର ବାଟ
ଲାଗେ କୋଉ ଯୁଗ ର ଭେଟ
ସାତ ଦରିଆ ପାରି ଏଇ ଆମ ପ୍ରେମର ସମୁଦ୍ର
ଜାଣେନା କେବେ ହେବ ଭେଟ।


+ କଟକ


## ବର୍ଷା


ଡଃ ମାଙ୍ଗଳିକା ମହାପାତ୍ର

କେଉଁ ବର୍ଷାର କଥା କହିବି
ରିମଝିମ୍ ସ୍ୱରରେ ତୃଷାର୍ତ୍ତ ପୃଥିବୀକୁ
ସିଞ୍ଚୁଥିବା ବର୍ଷା
ଆକାଶର କୋହର ଅଭିବ୍ୟକ୍ତି, ତା ହୃଦୟ
ଚିରି ବର୍ଷୁଥିବା ବର୍ଷା..
ପିଲାଦିନେ କାଗଜ ଡଙ୍ଗାର ସ୍ୱାକ୍ଷର ବହିଥିବା
ଅମାନିଆ ବର୍ଷା ...

କେଉଁ ବର୍ଷା କୁ ଆଉ ଚିହ୍ନିବି...
ମୋ ଅଝଟିଆ ପିଲାବେଳର ଅନୁଭୂତି,
ମୋହିନୀ ବର୍ଷା..

ମୋ ଅସମ୍ପୂର୍ଣ୍ଣ କୈଶୋରର ଅଛୁଆଁ ବର୍ଷା...
ମୋ ଜୀବନର ଅନ୍ତରଙ୍ଗ ମୁହୂର୍ତ୍ତର
ଚିରସାକ୍ଷୀ ବର୍ଷା...

କେଉଁ ବର୍ଷାର କଥା ଲେଖିବି..

କଇଁଫୁଲର ପାଖୁଡ଼ା ପାଖୁଡ଼ାରେ
ଢଳଢଳ ବର୍ଷା...
ଆଖିର ବନ୍ଧ ଡେଇଁ
ସଂପର୍କର ଶବ ବୋହୁଥିବା ବର୍ଷା...
ରାଜରାସ୍ତାରେ
ମୂଲ୍ୟହୀନ ମଣିଷ ରକ୍ତର ବର୍ଷା..

ଏତେ ସବୁ ବର୍ଷାରେ ଭିଜି ଭିଜି
ନିଜ ଭିତରେ ସାଉଁଟି ସାଉଁଟି
ତାର ଟୋପାକୁ ଦେହରେ ଜଡାଇ ଧରି
ଦେଖ ଆଜି ମୁଁ ବି ବର୍ଷା ପାଲଟି ଯାଇଛି...


+ରେଭେନସା ବିଶ୍ୱବିଦ୍ୟାଳୟ


## ବର୍ଷାର ଆସର


ରାହାସ କୁମାର ବେହେରା

ମେଘ ମାଳେ ପ୍ରୀତି ଝରା ବର୍ଷାର ଆସର,
ଭିଜିଯାଏ ତନୁ ମନ ଗାଆଁରୁ ସହର ।
ଦୂର ଗାଆଁ ନଇ ପାରେ ସୁନ୍ଦରୀ ପିଆସୀ
ଗୀତ ଗାଏ ପ୍ରତୀକ୍ଷାର ଅଗଣାରେ ବସି ।

ଖଣ୍ଡ ଖଣ୍ଡ ଧଳା ମେଘେ ଲେଖେ ପ୍ରେମ ଚିଠି
କବି ପ୍ରାଣ ପଢେ ତା'କୁ ନାହିଁ ଯାର ଇତି ।
ବର୍ଷା ଏକ ମିଳନର ସଂଗୀତ ଝଂକାର
ଆକାଶ ମାଟି ଭିଯାଏ କରିଣ ନିଜର ।

ବର୍ଷା ଆଙ୍କେ ରଙ୍ଗ ଝୋଟି ଲକ୍ଷେ ଇନ୍ଦ୍ରଧନୁ
ପ୍ରିୟା ଦେଖି ନାଚେ ହସେ ଭାବି ଏଣୁ ତେଣୁ।
ସାଧବ ବୋହୂଟି ପରି ଭାରି ସେ ଲାଜେଇ
ଲୁଚିଯାଏ ଚାହିଁଦେଇ ଭାବନା ମୋ' ନେଇ।
କାନର ଝୁମୁକା ସହ ବର୍ଷା ଟପ ଟପ

କଳାମେଘି ଶାଢ଼ି ପିନ୍ଧି ଅପୂର୍ବ ତା' ରୂପ ।
ବର୍ଷା ପ୍ରତିବାସିନୀ ମୋ' ପ୍ରିୟାର ବାନ୍ଧବୀ
ସେଠି ପାଇଁ ଭଲ ପାଏ ସେ ଦୁହିଁଙ୍କୁ ଭାବି ।

ବର୍ଷା ପାଇଁ ଏ କବିତା ଜାଣିଲେ ଫୁଲେଇ
ଅଧାଭିଜା ଦେହେ ହଜି
ହେବ ସେ ଗେହ୍ଲଇ।


+ବାଲ୍ୟାୟା, ଭାପୁର
ଢେଙ୍କାନାଳ : ୭୫୯୦୧୫
ମୋ :୯୪୩୮୧୧୪୩୬୮


## ମୁଁ ଓ ମୌସୁମୀ


ଡ. ଦୀପକ କୁମାର ମିଶ୍ର




ମୁଁ ତ ଆଜୀବନ ନିଃସଙ୍ଗତା ଭୋଗେ,
କ୍ରୁର କୋଳାହଳକୁ ଅକ୍ଲେଶରେ ଲଙ୍ଘି
ନିରବତାର ଶପ ପାରି ଶୁଏ
ଉଆଁସରେ ତାରା ଗଣି ଗଣି ।

ନିର୍ବାଣ ପ୍ରାପ୍ତି ପରେ
ଶାନ୍ତିରେ ଶୋଇଥିବା ଉଦାର ମରୁକୁ
ହୃଦୟରେ ବୋହି
ବାହୁଥାଏ ମୌସୁମୀର ସବୁଠକ ଛିଟା
ଛେଁ ଛାଁ ଶବ୍ଦରେ ସ୍ତମ୍ଭୀଭୂତ
ଧାନମଗ୍ନ, ନିରୁଦବିଗ୍ନ ତତଲା ତାଡ଼ୀରେ ।

କର୍କଶତାରେ ବି ଥାଇପାରେ
ରୋଗିଣୀ ରାଗିଣୀଟିଏ
ଘର୍ଘରତାରେ ବି ଶୁଭିପାରେ
ଘାତକ ଘୁଙ୍ଗୁରର ଶବ୍ଦ
କାହା ଫଟା ବଇଁଶୀର ବେସୁରା ସୁର ବି
ତୋଳିପାରେ ଜୀବନରେ
ତାଳ ବେତାଳର ବିରହ ବିଳାପ ।

ଭୈରବର କିଳିକିଳା ଶବ୍ଦରେ
ଯେଉଁଠି ତାବଡ଼ା ପଡେ କାନ
ମେଘ ଓ ମେଘର ପ୍ରତିସ୍ପର୍ଦ୍ଧା ଲଢେଇରେ
ଫୁଟିଯାଏ ଚାତକ ନୟନ
ରଙ୍ଗ ସବୁ ଧୋଇଗଲା ପରେ
କଷ ଗାମୁଛାରେ କି ଥାଏ ଆଉ
କାନ୍ଦୁଥିବା କାନ୍ଧଟିର ମନ ।

ମୌସୁମୀ ଯାଉ ତା ବାଟରେ
ଅନୂଢ଼ା ଯୌବନକୁ ଧରି
ମୁଁ ବାଡ଼ ପକେଇ ବସିଥାଏ ସେମିତି
ଦୁର୍ଦ୍ଦିନର ମେରିଖୁଣ୍ଟକୁ ଆଉଜି
ଆନମନା ମନର ମୂର୍ଚ୍ଛନା ଉସେଇଁ ।


+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

# ଚଣ୍ଡିଖୋଲଠାରେ ଯାତ୍ରା ମାଲିକ ସଂଘ ବୈଠକ : ବିବାଦୀୟ ମନ୍ତବ୍ୟ ଦେଲେ କାର୍ଯ୍ୟାନୁଷ୍ଠାନ

ଧର୍ମଶାଳା, ୩୦/୦୬ (ନି।ପ୍ର): ଗଲା କିଛି ଦିନ ହେବ ଯାତ୍ରା ଜଗତରେ ଆରୋପ ପ୍ରତ୍ୟାରୋପ ଲାଗି ରହିଛି। ଯାହାକୁ ନେଇ ଯାତ୍ରା ପ୍ରେମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗୋଟିଏ ପରେ ଗୋଟିଏ ଘଟଣା ଯାତ୍ରା ମାଲିକ ଓ କଳାକାରଙ୍କ ମଧ୍ୟରେ ଯେଉଁ ଭଳି ବିବାଦ ଲାଗି ରହିଛି ସେ ନେଇ ଯାତ୍ରା ମାଲିସ ସଂଘର ଏକ ଜରୁରୀ ବୈଠକ ଯାଜପୁର ଜିଲା ଚଣ୍ଡିଖୋଲଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଯାତ୍ରା ମାଲିକମାନେ ଯେଉଁଭଳି ଭାବେ ପରସ୍ପର ମଧ୍ୟରେ ବିଭିନ୍ନ ଅଭିଯୋଗ ଆଣୁଛନ୍ତି , ସେ ନେଇ କେଉଁଠି ନା କେଉଁଠି ଯାତ୍ରା ସଂଘ ମଧ୍ୟରେ ବିବାଦ ଲାଗି ରହିଛି । ଏନେଇ ଯାତ୍ରା ମାଲିକ ସଂଘ ବୈଠକରେ ମାଲିକମାନଙ୍କ ମଧ୍ୟରେ ବିବାଦ ନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଯାତ୍ରାରେ କାମ କରୁଥିବା ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଦିଗରେ ଆଲୋଚନା କରାଯାଇଥିଲା । ପୀୟୁଷ ତ୍ରିପାଠୀଙ୍କୁ ନେଇ ମାଲିକ ସଂଘରେ କୌଣସି ଆଲୋଚନା କରାଯାଇ ନାହିଁ ବୋଲି ସଂଘ ସଭାପତି ଭରତ ଭୂଷଣ ଦେଓ ସୂଚନା ଦେଇଥିଲେ। ଆଜିର ବୈଠକରେ ଯାତ୍ରା ସିଂହବାହିନୀ ମାଲିକଙ୍କ ସହ ଆଉ କିଛି ଯାତ୍ରା ମାଲିକ ଯୋଗ ଦେଇ ନ ଥିଲେ । ଅନ୍ୟ କିଛି ମାଲିକ ବ୍ୟକ୍ତିଗତ କାରଣରୁ ଏହି ବୈଠକରେ ଯୋଗ ଦେଇ ପାରି ନାହାନ୍ତି । ସିଂହବାହିନୀ ଓ ସୂର୍ଯ୍ୟମନ୍ଦିର ମାଲିକ ଯେଉଁ ଭଳି ଭାବେ ମନ୍ତବ୍ୟ ଦେଉଛନ୍ତି ତାହା ସେମାନଙ୍କ ବ୍ୟକ୍ତିଗତ ମତ। ଯାତ୍ରା ସଂଘର ନିସ୍ପତିକୁ ସମସ୍ତେ ମାନିବାକୁ ବାଧ୍ୟ । ଯାତ୍ରା ମାଲିକଙ୍କ ବିବାଦ ନେଇ ଆଲୋଚନା ହୋଇଥିଲା । ଯାତ୍ରା ମାଲିକ ସଂଘ ଏକ ଅଛି ଆଉ ରହିବ ମଧ୍ୟ । ଗୋଟିଏ ଯାତ୍ରା ଚଳାଇବା ପାଇଁ ସମସ୍ତ କଳାକାର ନେଇ ପାରିବେ ନାହିଁ । ସମସ୍ତେ କେଉଁ ଯାତ୍ରା ପାର୍ଟି ଚଳାଇବେ ସେ ନେଇ ଆଲୋଚନା ହୋଇଥିଲା । ଅନ୍ୟ ଯାତ୍ରା ମାଲିକ ଆସିବା ପରେ ମଧ୍ୟ ପୁଣି ଥରେ ବୈଠକ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଯେଉଁମାନେ ଶୃଙ୍ଖଳା ଭଙ୍ଗ କରିବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ନିସ୍ପତି ନିଆଯାଇଛି ।

## ବନ ବିଭାଗ ପକ୍ଷରୁ ଜାରକାଠାରେ ଚାରାରୋପଣ କେନ୍ଦ୍ର ଉଦ୍‌ଘାଟିତ

ଧର୍ମଶାଳା, ୩୦/୦୬ (ନି।ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାଠାରେ ବନ ବିଭାଗ ପକ୍ଷରୁ ଏକ ଚାରା ରୋପଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ 'ଏକ ପେଡ ମା କି ନାମ' କାର୍ଯ୍ୟକ୍ରମ ଆଧାରରେ ମାସ ବ୍ୟାପୀ ହେବାକୁଥିବା ବିତରଣ କାର୍ଯ୍ୟକ୍ରମକୁ ସମାଜସେବୀ ମୀନତି ସାହୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରି ଚାରା ବିତରଣ କରିଥିଲେ। ଫରେଷ୍ଟର ଚିତ ରଂଜନ ବିଶ୍ୱାଳ ଓ ବନରକ୍ଷୀ ବନଲତା ସାମନ୍ତରାୟ ଏହାକୁ ପରିଚାଳନା କରିଥିଲେ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ୨୦୨୫ ପାଳିତ

କେନ୍ଦୁଝର, ୩୦/୦୬ (ନି।ପ୍ର): ପ୍ରଫେସର୍ ପ୍ରଶାନ୍ତ ଚନ୍ଦ୍ର ମହଲାନୋବିଜ୍‌ଙ୍କ ଜନ୍ମଦିନଟିକୁ ଜାତୀୟ ପରିସଂଖ୍ୟାନ ଦିବସ ଭାବରେ କେନ୍ଦୁଝର ଜିଲ୍ଲା ସ୍ଥିତ ଜିଲ୍ଲାପାଳଙ୍କ ଦରବାର ହଲରେ ପାଳିତ ହୋଇ ଯାଇଛି। ଏହି ସଭା ରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଶ୍ରୀ ଗଜେନ୍ଦ୍ର କୁମାର ବେହେରା ବୈଠକ ରେ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଧରଣୀଧର ବିଶ୍ୱ ବିଦ୍ୟାଳୟର ସହପ୍ରାଧ୍ୟାପକ (ଅର୍ଥନୀତି) ଡାକ୍ତର ଦାମୋଦର ସାହୁ, ସରକାରୀ ମହିଳା ମହାବିଦ୍ୟାଳୟର ସହପ୍ରାଧାପକ( ବାଣିଜ୍ୟ) ଡ଼ାକ୍ତର ଅଜିତ କୁମାର ବରାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀ ପ୍ରବୀର କୁମାର ଦେ, ଜିଲ୍ଲା ଶିକ୍ଷ୍ୟା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌମ୍ୟ ସାର୍ଥକ ରାୟ, ଜିଲ୍ଲା ସ୍ତରୀୟ ଅଧିକାରୀ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ର ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ପରିସଂଖ୍ୟାନ ରାଜ୍ୟ ଏବଂ ଜାତୀୟ ସ୍ତରରେ ଦେଶ ବିକାଶ ରେ କିପରି ଭୂମିକା ପ୍ରଦାନ କରେ ତାର ସବିଶେଷ ଆଲୋକପାତ କରିଥିଲେ। ତଥ୍ୟ ବିନା ଦେଶରେ ଯୋଜନା ପ୍ରଣୟନ କରାଯାଇ ନ ପାରେ, ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବକ୍ତା ଶ୍ରୀ ବରାଳ କହିଥିଲେ ଯେ ଲକ୍ଷ୍ୟ ବିହୀନ ଜୀବନ ନିରର୍ଥକ ଅଟେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତି, ବିନା ପରିସଂଖ୍ୟାନରେ ସମ୍ଭବ ହୋଇନଥାଏ। ମୁଖ୍ୟ ବକ୍ତା ଶ୍ରୀ ସାହୁ କହିଥିଲେ ଯେ ପରିସଂଖ୍ୟାନ ସବୁ କ୍ଷେତ୍ର ରେ ପ୍ରଯୁଜ୍ୟ। ଜାତୀୟ ନମୁନା ସର୍ଭେ ଦ୍ୱାରା ପ୍ରତ୍ୟେକ ସମାଜର ପ୍ରତି କ୍ଷେତ୍ର ରେ ତଥ୍ୟ ସଂଗ୍ରହ କରି ଭବିଷ୍ୟତ ର ଯୋଜନା ପ୍ରସ୍ତୁତ କରାଯାଏ ତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଉପନିର୍ଦ୍ଦେଶକ ଶ୍ରୀ ବେହେରା କହିଥିଲେ ଯେ ପରିସଂଖ୍ୟାନ ଆମ ଜୀବନ ର ପ୍ରତେକ କ୍ଷେତ୍ର ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ଦ୍ୱାରା ଆମ ଦେଶର ସାମାଜିକ ଏବଂ ଅର୍ଥନୈତିକ ପରିସ୍ଥିତି ର ପରିବର୍ତନ ସମ୍ଭବ ହୋଇଥାଏ। ସଠିକ୍ ତଥ୍ୟ ସଂଗ୍ରହ ଠିକ୍ ନିଷ୍ପତି ନେବାରେ ସାହାଯ୍ୟ କରେ। ଯଦ୍ୱାରା ସରକାରଙ୍କୁ ଠିକ୍ ଯୋଜନା ପ୍ରଣୟନ କରି ଦେଶ ବିକାଶକୁ ତ୍ୱରାନ୍ୱିତ କରିଥାଏ। ରାଜ୍ୟ ରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା ବିଭିନ୍ନ କ୍ଷେତ୍ର ରେ କରାଯାଇଥିବା ଅନୁସନ୍ଧାନ କାର୍ଯ୍ୟ ଯଥା ଜମି ବିନିଯୋଗ, ଶସ୍ୟକାଟ ପରୀକ୍ଷା, କୃଷି ଗଣନା, କ୍ଷୁଦ୍ର ଜଳ ସେଚନ ଗଣନା, ଜଳାଶୟ ର ଗଣନା, ଅର୍ଥନୈତିକ ଗଣନା, ଦୈନନ୍ଦିନ ବ୍ୟବହାର ଜିନିଷ ର ଉତ୍ପାଦକ, ପାଇକରୀ ଓ ଖୁଚୁରା ମୂଲ୍ୟ, ନିର୍ମାଣ ସାମଗ୍ରୀ ମୂଲ୍ୟ, କର୍ମଚାରୀ ଙ୍କ ଗଣନା, ଜିଲ୍ଲା ପରିସଂଖ୍ୟାନ ହାଣ୍ଡବୁକ୍, ଶିଳ୍ପ ର ବାର୍ଷିକ ସର୍ଭେ, ଶିଳ୍ପ ଉତ୍ପାଦକ ଶୁଚକାଙ୍କ, ଜାତୀୟ ନମୁନା ସର୍ଭେ ଏବଂ ଫସଲ ପରିସଂଖ୍ୟାନ ର ଉନ୍ନତି ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ସାମଗ୍ରିକ ଭାବରେ ପରିସଂଖ୍ୟାନ କ୍ଷେତ୍ର କାର୍ଯ୍ୟରେ ଉତମ ପ୍ରଦର୍ଶନ ନିମନ୍ତେ ୨୦୨୪-୨୫ କୃଷି ବର୍ଷ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱୀତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯଥା ଘଟଗାଁ ବ୍ଲକର ପ୍ରବୋଧ କୁମାର ଜେନା , ଆନନ୍ଦପୁର ବ୍ଲକର ମଳୟ ରଞ୍ଜନ ପରିଡା ଏବଂ ପାଟଣା ବ୍ଲକର ସାଲଖାନ ସୋରେନ ଏବଂ ସେହିପରି ୨୦୨୫-୨୬ କୃଷି ବର୍ଷ ପାଇଁ ଉତମ ପ୍ରଦର୍ଶନ ନିମନ୍ତେ ଯଥାକ୍ରମେ ପ୍ରଥମ, ଦ୍ୱୀତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯଥା ଘଷିପୁରାର ବ୍ଲକର ସନାତନ ସାହୁ, ଯୁଗ୍ମ ଦ୍ୱିତୀୟ ରେ ଝୁମ୍ପୁରା ବ୍ଲକର ତାପସ କୁମାର ପ୍ରଧାନ ଓ ହରିଚନ୍ଦନପୁର ବ୍ଲକର ପ୍ରଦୀପ କୁମାର ଜେନା ଏବଂ କେନ୍ଦୁଝର ସଦର ବ୍ଲକର ଭାଗ୍ୟଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କଂଗ୍ରେସର ସମ୍ବିଧାନ ବଂଚାଅ ସମାବେଶ

ଜୟପୁର, ୩୦/୦୬ (ନି।ପ୍ର): ଜୟପୁର ଠାରେ କଂଗ୍ରେସର ସମ୍ବିଧାନ ବଂଚାଅ ସମାବେଶ ଅନୁଷ୍ଠିତ ହୋଇଛି। ଜିଲା କଂଗ୍ରେସ ତରଫରୁ କାଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜୟପୁର ବିଧାୟକ ତଥା ରାଜ୍ୟ ଉପସଭାପତି ତାରା ପ୍ରସାଦ ବାହୀନିପତିଙ୍କ ଆହ୍ୱାନରେ ଅନୁଷ୍ଠିତ କାଯ୍ୟକ୍ରମ ରେ ଜିଲା କଂଗ୍ରେସ ସଭାପତି ଶଶି ଭୁଷଣ ପାତ୍ର ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ପ୍ରଭାରି ଅଜୟ କୁମାର ଲାଲୁ, କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକା, ବିଧାୟକ ଦଳର ନେତା ରାମ ଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ରାୟଗଡା ବିଧାୟକ ଆପଲ ସ୍ୱାମୀ କାଡ୍ରାକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖୁଲ, ପୁବତନ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷି ବାହିନିପତି, ନବରଙ୍ଗପୁର ଜିଲା ସଭାପତି ଭୁଜ ବଳ ମାଝୀ, ମାଲକାନଗିରି ଜିଲା ସଭାପତି ଗୋବିନ୍ଦ ପାତ୍ର, ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉପସ୍ଥିତ ଥିଲେ । ପ୍ରଥମେ ପିସିସି ସଭାପତି ଓ ପ୍ରବାରିଙ୍କୁ ଆମ୍ବାଗୁଡା ଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ରେ ସ୍ୱାଗତ କରି ଆଣାଯାଇ ସହର ପରିକ୍ରମା କରାଯାଇଥିଲା । ଜିଲା କଂଗ୍ରେସ କମିଟି କାର୍ଯ୍ୟାଳୟରେ ପହଂଚି ମାଲ୍ୟାର୍ପଣ କରିଥିଲେ । ସେଠାରୁ ବାହାରି ଆମ୍ବେଦକର ଛକରେ ଆମ୍ବେଦଙ୍କରଙ୍କ ପ୍ରତିମୂର୍ତିରେ ମାଲ୍ୟର୍ପଣ କରିଥିଲେ । ଜୟପୁର ଦଶହରା ପଡିଆରେ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା । ବାଇକ ଶୋଭାଯାତ୍ରା ୫ ହଜାରରୁ ଉର୍ଦ୍ଧ ବାଇକ ସାମିଲ ହୋଇଥିବା ବେଳେ ୧୫ ହଜାରରୁ ଉଦ୍ଧ ସମାଗମ ହୋଇଥିଲା।ଏଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଉପସ୍ଥିତ ରହି ରାଜ୍ୟ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୁହଁନ୍ତି ଆଦାନି ହେଉଛନ୍ତି ମୁଖ୍ୟମନ୍ତ୍ରୀ । ନହେଲେ ପୁରି ରଥ ଯାତ୍ରାରେ ଜଗନ୍ନାଥ ଙ୍କ ରଥ ଟଣାଗଲା ନାହିଁ। କାରଣ ଆଦାନି ଆସିବାର ଥିଲା ବୋଲି ରଥ ଟଣାକୁ ବନ୍ଦ କରାଯାଇଥିଲା । ପ୍ରଥମ ବର୍ଷ ଭଳଭଦ୍ରଙ୍କୁ ପକାଇଥିବା ବେଳେ ଚଳିତ ବର୍ଷ ଜଗନ୍ନାଥ ଙ୍କ ରଥ ଟାଣିଲେ ନାହିଁ । ବିଳୟିତ ରାତିରେ ରଥ ଟାଣି ଦଳା ଚୋକଟା ହୋଇ ୩ ଜଣ ଶ୍ରଦ୍ଧାଳୁ ମୃତ୍ୟୁ ବରଣ କରିଥିଲେ । ଏଠାରେ ବିରୋଧି ଦଳ ନେତା ନବିନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଥିବା ବେଳେ ପିସିସି ସଭାପତି ଉଦବେଗ ପ୍ରାକାଶ କରିଛନ୍ତି । ଏଠାରେ ବିଜେପି ସରକାର ହେବା ପାଇଁ ନବିନ ପଟ୍ଟନାୟକ ସହଯୋଗ କରିଥିଲେ । ବେକାରି ଏଠାରେ ଚାକିରି ପାଇପାରୁ ନାହିଁ । ଜମି ଓ ଓ ପେଟକୁ ପାଣି ଦେଇପାରୁ ନଥିବା ସରକାର, ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିବା କିଛି ପୁରଣ ନକରି ୧ ବର୍ଷ ପୁର୍ତି ପାଳନ କରୁଛି । ତାହା ଠାରୁ ଲଜ୍ୟା କଣ ବୋଲି ପ୍ରଶ୍ନ କରିଛନ୍ତି ସଭାପତି । ଦିନକୁ ଦିନ ନାରି ନିର୍ଯ୍ୟାତନା ବଢୁଥିବାରୁ ରାଜ୍ୟ ସରକାର ନିରିବ । ଯେଉଁ ରାଜ୍ୟରେ ନାରି ଅସୁରିକ୍ଷିତ ସେ ରାଜ୍ୟରେ ବିକାଶ ଅସମ୍ଭବ । ରାଜ୍ୟରେ ଶିକ୍ଷକ ନାହିଁନ୍ତି, ଡାକ୍ତର ନାହଁନ୍ତି । ଆଉଟସର୍ସିରେ ଚାଲିଛି । ସେ ମାନଙ୍କୁ ମଧ୍ୟ ଥଇଥାନ କରାଯାଉ ନାହିଁ । ସୁଭଦ୍ରା ଯୋଜନା, ଆୟୁଷ୍ମାନ ଯୋଜନା ରେ ରାଜ୍ୟ ବାସୀଙ୍କୁ ପ୍ରତରଣା କରୁଛନ୍ତି । ରାଜ୍ୟ ଖଣି ଖାଦନକୁ ଆଦାନି ହାତରେ ଟେକି ଦେଇଛନ୍ତି ସରକାର । ସମ୍ବିଧାନ ବିପଦରେ ରହିଛି ଏକଜୁଟ ହୋଇ ସମ୍ବାଧାନକୁ ବଂଚାଇବାକୁ ଆହ୍ୱାନ ଦେଇଥିଲେ । ଏନେଇ ବିଧାନସଭାରେ ନାରି ଅସୁରକ୍ଷିତ ବୋଲି ଦାବି କରିବା ପରେ ଡବଲ ଇଞ୍ଜିନର ସରକାର ଡବଲ ଧୋକା ଦେଲେ ।

# ଗ୍ରାହକଙ୍କୁ ଔଷଧ ଦୋକାନୀଙ୍କ ଆକ୍ରମଣ ଘଟଣା: ସିସି କ୍ୟାମେରା ଯାଂଚ କଲା ପୋଲିସ

ଧର୍ମଶାଳା, ୩୦/୦୬ (ନି।ପ୍ର): ବୁଧବାର ବିଳୟିତ ରାତିରେ ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ବ୍ରାହ୍ମଣ ସାହି ନିକଟରେ ଥିବା ରାଜା ମେଡିସିନ ଦେକାନରେ ଔଷଧ କିଣାକୁ ନେଇ ମାଲିକ ଓ କର୍ମଚାରୀ ଦୁହେଁ ମିଶି ଗ୍ରାହକଙ୍କୁ ଆକ୍ରମଣ କରିଥିଲେ । ଏନେଇ ବ୍ରହ୍ମବରଦା ଥାନାରେ ଅଭିଯୋଗ ପରେ ଘଟଣା ପର ଦିନ ଦୋକାନର ମାଲିକ ବ୍ରହ୍ମବରଦା ଅଂଚଳର ସୟଦ ଫଇନ ରାଜାଙ୍କ ପୁଅ ସୟଦ ଅର୍ସଦ ରାଜା(୧୯) ଓ କର୍ମଚାରୀ ବଡଚଣା ଥାନା ଅନ୍ତର୍ଗତ ଡେଲିଗଡ ଗ୍ରାମର ମହମ୍ମଦ ହାପିଜ୍‌ଙ୍କ ପୁଅ ସରତାଜ ଅଜିଜ୍(୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତେବେ ଏହି ଘଟଣାରେ ପୋଲିସ ଔଷଧ ଦୋକାନରେ ଲାଗି ଥିବା ସିସି କ୍ୟାମେରାକୁ ଜବତ କରିଥିଲା । ପୋଲିସ ଜବତ କରିଥିବା ସିସି କ୍ୟାମେରାରେ ରେକର୍ଡ ହୋଇଥିବା ତଥ୍ୟ ସଂଗ୍ରହ କରିବା ସହିତ ଉକ୍ତ ଦୋକାନକୁ ଯାଇ ତଦନ୍ତ କରି ଫେରିଥିବା ଜଣାପଡିଛି । କେଉଁ ପରସ୍ଥିତିରେ ଏଭଳି ଘଟଣା ଘଟିଲା, ତାହା ତଦନ୍ତ ଚାଲିଛି ଏବଂ ଏହି ଘଟଣାରେ ମାଲିକ ସମେତ ଦୋକନ କର୍ମଚାରୀ ଗିରଫ ହୋଇଛନ୍ତି ବୋଲି ପୋଲିସ କହିଛି। ସୂଚନା ଥାଉକି, ବ୍ରହ୍ମବରଦା ଗ୍ରାମର ଅନନ୍ତ ବେହେରାଙ୍କ ପୁଅ ଅକ୍ଷୟ ଔଷଦ କିଣିବାକୁ ଗାଁ ନିକଟସ୍ଥ ରାଜା ମେଡିସିନ ଦୋକାନକୁ ଯାଇଥିଲେ । ସେଠାରେ ଗାଡି ରଖିବା ଓ ଔଷଧ କିଣିବାକୁ ନେଇ ଦୋକାନର ମାଲିକ ଓ କର୍ମଚାରୀ ତାଙ୍କୁ କଇଁଚିରେ ଆକ୍ରମଣ କରିଥିଲେ । ଫଳରେ ସ୍ଥାନୀୟ ଅଂଚଳରେ କିଛି ସମୟ ପାଇଁ ଉତେଜନା ଲାଗି ରହିଥିଲା । ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଥିଲା ।

## ନିଶା ନିବାରଣ ଅଭିଯାନର ଜିଲ୍ଲାସ୍ତରୀୟ ଚିନ୍ତନ ସଭା

କେନ୍ଦ୍ରାପଡ଼ା, ୩୦/୦୬ (ନି।ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଏକ ଜିଲ୍ଲାସ୍ତରୀୟ ଚିନ୍ତନ ବୈଠକ ପବ୍ଲିକ ରିଡିଙ୍ଗ ରୁମ୍ ପରିସରରେ ଆୟୋଜିତ ହୋଇ ଯାଇଛି। ସଂଗଠନର ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ମଲିକଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ପର୍ଯ୍ୟବେକ୍ଷକ ରୂପେ ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଯୋଗଦେଇ ନିଶା ନିବାରଣ ଆଇନ କାର୍ଯ୍ୟକାରୀ କରିବାରେ ରାଜ୍ୟବାସୀଙ୍କ ପ୍ରତି ସରକାରଙ୍କ ପ୍ରତାରଣା ବିରୋଧରେ କେନ୍ଦ୍ରାପଡ଼ରୁ ଲଢେଇର ବିଗୁଲ୍ ଫୁଙ୍କିଥିଲେ।

# ମାଲକାନଗିରି ଜିଲ୍ଲାରେ ଜାତୀୟ ପରିସଂଖ୍ୟାନ ଦିବସ-୨୦୨୫ ପାଳିତ

ମାଲକାନଗିରି, ୩୦/୦୬ (ନି।ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସ, ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ମହିଳା ମହାବିଦ୍ୟାଳୟ ଅଧକ୍ଷ ଦୁଷ୍ମନ୍ତ କୁମାର ଜେନା, ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗୀୟ ମୁଖ୍ୟଡ. ରଞ୍ଜନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ପ୍ରଧାନ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ, ପରିସଂଖ୍ୟାନ ଏକ ପ୍ରୟୋଗାତ୍ମକ ପରିଗଣନା । ଏହାର ଉପଯୁକ୍ତ ସଂଗ୍ରହଣ, ବିଶ୍ଳେଷଣ, ଦୃଢୀକରଣ ଦ୍ୱାରା ଯୋଜନା ପ୍ରଣୟନ ଓ କାର୍ଯ୍ୟକାରିତା ହୋଇଥାଏ। ଏହା ସମାଜର ମଙ୍ଗଳ ପାଇଁ ଅତ୍ୟନ୍ତ ଆବଶ୍ୟକ । ସୁତରାଂ, ପରିସଂଖ୍ୟାନ ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱ ବହନ କରେ । ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟନ ଗୋଲକ ଚନ୍ଦ୍ର ଦଳାଇ ତାଙ୍କ ସ୍ୱାଗତ ଅଭିଭାଷଣରେ କହିଥିଲେ ଯେ, ପରିସଂଖ୍ୟାନ ମଣିଷର ଦୈନନ୍ଦିନ ଜୀବନ ଚର୍ଯ୍ୟାରୁ ଆରମ୍ଭ କରି ଦେଶ ଓ ବିଶ୍ୱର ଯୋଜନା ପ୍ରଣୟନ, ଏହାର ରୂପାୟନ ଓ ପ୍ରଗତି ପର୍ଯ୍ୟନ୍ତ ପ୍ରଲମ୍ବିତ । ପରିସଂଖ୍ୟାନ ତଥ୍ୟ ଯେତେ ସ୍ୱଚ୍ଛ ଓ ନିର୍ଭୁଲ ହେବ, ତଦନୁସାରେ ଯୋଜନା ପ୍ରଣୟନ ହେବ ଓ ତାହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ଆମେ ଇପ୍ସିତ ଲକ୍ଷ୍ୟ ଓ ପ୍ରଗତି ହାସଲ କରିପାରିବା। ପୁନଃ, ସେ ପରିସଂଖ୍ୟାନ ଦିବସର ତାତ୍ପର୍ଯ୍ୟ ବର୍ଣନା କରି ଜାତୀୟ ନମୁନା ସର୍ବେକ୍ଷଣ ର ୩୫ତମ ପୂର୍ତି ଓ ପରିସଂଖ୍ୟାନ ବ୍ୟବସ୍ଥାର ଦୃଢୀକରଣ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଶାନ୍ତ ଚନ୍ଦ୍ର ମହାଲନୋବିସଙ୍କୁ ପରିସଂଖ୍ୟାନର ଜନକ ଭାବେ ସ୍ମରଣ କରି, ଜିଲ୍ଲା ଖାଦ୍ୟ ଉପଭୋକ୍ତା କାର୍ଡର ପରିସଂଖ୍ୟାନ ତଥ୍ୟ ଉପସ୍ଥାପନ କରିଥିଲେ ଓ ଖାଦ୍ୟ ସୁରକ୍ଷା ଯୋଜନା ବିକଶିତ ଭାରତ ପାଇଁ ସହାୟକ ହେବ ବୋଲି ମତ ଉପସ୍ଥାପନ କରିଥିଲେ । ମହିଳା ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଜେନା କହିଥି

# ସୁବର୍ଣ୍ଣରେଖା ନଦୀର ଦ୍ୱିତୀୟ ବନ୍ୟା: ବାଲିଆପାଳ ବ୍ଲକର ୮ ଟି ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ଗାଁ ପ୍ରଭାବିତ

ବାଲିଆପାଳ, ୩୦/୬ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ଉପର ମୁଣ୍ଡରେ ଥିବା ଚାନ୍ଦଲି ଡ୍ୟାମରୁ ବନ୍ୟାଜଳ ନିଷ୍କାସନ ହେବା ଫଳରେ ତଳମୁଣ୍ଡରେ ଥିବା ବାଲିଆପାଳ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।ରବିବାର ସଂନ୍ଧ୍ୟାରୁ ଏହି ବନ୍ୟା ଜଳ କୂଳ ଲଂଘି ବାଲିଆପାଳ ବ୍ଲକରେ ପ୍ରବେଶ କରିଛି ।ଆଜି ସନ୍ଧ୍ୟା ୬ଟା ସୁଦ୍ଧା ରାଜଘାଟ ଠାରେ ଏହି ନଦୀର ବିପଦ ସଙ୍କେତ ୧୦.୩୬ ମିଟର ଉପରେ ୧୧.୪୫ ମିଟର ରେ ପ୍ରବାହିତ ହେଉଛି । ଏହାର ପ୍ରଭାବରେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ନିଖିରା, ଅଷ୍ଟି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ଘଣ୍ଟୁଆ,କୁସ୍ୟାରୀ ପ୍ରଭୃତି ପଂଚାୟତ ଜଳମଗ୍ନ ହୋଇଛି । ଚଡପାଳ ପଡା, ତଳ ଧାନଦା, ଚଡବଡାପାଳ, ପାଳଚମ୍ପେଇ, ଛୋଟଖାନପୁର, କଣ୍ଢାବଣି,ଡାଳୁଆ ୨, ପାରଦୀପା, ସୂର୍ଯ୍ୟପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି। ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ପଂଚୁରୁଖି-ଚଉଧୁରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, ପ୍ରଭୃତି ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । । ବହୁ ଲୋକଙ୍କ ଘରେ ବନ୍ୟାଜଳ ପ୍ରବେଶ କରିଥିବାରୁ ଭୋକ ଉପବାସରେ ଥିବା କହିଛନ୍ତି । ସେହିପରି ପିଇବା ପାଣି ପାଇଁ ଲୋକେ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଥିବା କହିଛନ୍ତି । ପ୍ରଶାସନ ପକ୍ଷରୁ ବନ୍ୟାର ମୁକାବିଲା ପାଇଁ ସଜାଗ ରହିଥିବା କହିବା ସହ ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲାରେ ୨ ଟି ଓଡ୍ରାଫ ଟିମ,୨ଟି ଅଗ୍ନିଶମ ବାହିନୀ ,୧୦ଟି ପାଓାର ବୋଟ,୧୮ଟି ଦେଶୀ ଡଙ୍ଗା ନୟୋଜତ କରାଯାଇଛ । ସେହିପରି ତଳିଆ ଅଞ୍ଚଳରେ ଥିବା ୮୨୩ ଜଣ ଲୋକଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀରେ ରଖାଯାଇଥିବା ବେଳେ ଅଷ୍ଟି ପଞ୍ଚାୟତର ଚଡବଡାପାଳ ଓ ବଡଖାନପୁର ଗ୍ରାମର ୨୫୦ ଲୋକଙ୍କୁ ରନ୍ଧାଖାଦ୍ୟ ବିତରଣ କରାଯାଇଛି । ସେହିପରି ୭ଟି ପଞ୍ଚାୟତକୁ ୫୦ କୁଇଣ୍ଟାଲ ଚୁଡା ଓ ୫ କୁଇଣ୍ଟାଲ ଗୁଡ ୮୦୦୦ ବୋତଲ ପାଣି ଯୋଗାଇ ଦିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ତେବେ ଆଜି ସନ୍ଧ୍ୟା ସୁଦ୍ଧା ଅଧିକାଂଶ ବିପନ୍ନଙ୍କ ପାଖରେ କୌଣସି ରିଲିଫ ସାମଗ୍ରୀ ପହଂଚିନଥିବା ବିପନ୍ନମାନେ ଅଭିଯୋଗ କରିଛନ୍ତି ।ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ, ଆଜି ବାଲିଆପାଳ ବିଡିଓ ଭାବରେ ଯୋଗଦେଇଥିବା ରାଧାରଞ୍ଜନ ଦାସ, ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ପ୍ରମୁଖ ବନ୍ୟା ଅଂଚଳ ପରିଦର୍ଶନ କରିବା ସହ ପ୍ରତିକାର ପାଇଁ କଡା ନଜର ରଖିଥିବା କହିଛନ୍ତି ।ସେହିପରି ପ୍ରଥମ ବନ୍ୟାରେ ଯାହା କିଛି ପନିପରିବା ଚାଷ ବର୍ତ୍ତୀ ଯାଇଥିଲା ଏହି ବନ୍ୟାରେ ତହା ସଂପୂର୍ଣ୍ଣ ଲୋପ ପାଇଯିବା ନେଇ ଚାଷି ମୁଣ୍ଡରେ ହାତ ଦେଇବସିଛନ୍ତି ।ସେହିପରି ଧାନ ତଳି ସବୁ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ପ୍ରଥମ ବନ୍ୟା ପରଠାରୁ ଆଜି ପର୍ଯ୍ୟନ୍ତ ବର୍ଷା ଲାଗିରହିବା ସହ ପୁଣି ଦ୍ୱିତୀୟ ବନ୍ୟା ବାଲିଆପାଳ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବାରୁ ପ୍ରଶାସନ ପକ୍ଷରୁ ତୁରନ୍ତ ରିଲିଫ ସହ କ୍ଷତିପୂରଣ ପାଇଁ ଦାବି ହୋଇଛି।

## ରୂପସା ଅଭିଯୁକ୍ତଙ୍କ ପାଇଁ ନୋଟିସ ମାରିଲା ଝାଡଖଣ୍ଡ ପୋଲିସ



ବସ୍ତା ୩୦/୬(ନିପ୍ର) ରୂପସା ଥାନା ଅନ୍ତର୍ଗତ ଗଡପଦା ରେ ବିଭିନ୍ନ ଅପରାଧିକ ମାମଲା ଥିବା ଫେରାର ଦୋଷୀ ପାଇଁ ନୋଟିସ ମାରିଲା ଝାଡଖଣ୍ଡ ପୋଲିସ । ସୂଚନା ଅନୁଯାୟୀ ରୂପସା ଥାନା ଗଡ଼ପଦା ପଞ୍ଚାୟତ ର ଗଡ଼ପଦା ଗାଁ ର ଅଭିଯୁକ୍ତ ଭିକି ଖାଁ ଓରଫ ଅର୍ଷଦ ଖାଁ ଓରଫ ଆଶ୍ରଫ ଖାଁ ଓରୋଫ ଚୁନୁ ଖାଁ , ପିତା ସ୍ୱର୍ଗତ ଗୋରା ଖାଁ । ଭିକି ଖାଁ ୨୦୧୯ ମସିହା ରେ ଝାଡଖଣ୍ଡ ରେ ଯାଇ କାମ କରୁଥିବା ସମୟ ରେ ଏକ ବ୍ୟାଙ୍କ ଡକାୟତି ଘଟଣା ସଂପୃକ୍ତି ଥିବା ଅଭିଯୁକ୍ତ ଭିକି ଖାଁଙ୍କ ନାମରେ ସରାଇଢେଲା ଥାନାରେ ମାମଲା ରୁଜୁ କରାଯାଇଥିଲା। ମାମଲା ନୋ ୪୦/୧୯ ଅଭିଯୋଗ ମୂଳେ ତଦନ୍ତ ସମୟ ରେ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଥିଲା। ଧାନବାଦ ର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଫେରାର ଆସାମୀ ଙ୍କ ବାବଦରେ ଆଇପିସି ଧାରା ୩୯୫/୩୯୭ ଏବଂ ବିସ୍ଫୋରକ ପଦାର୍ଥ ଆଇନ ୧୯୦୮ ର ଧାରା ୪ ଅନୁଯାୟୀ ଝାଡଖଣ୍ଡ ପୋଲିସ ୩୦/୬/୨୫ ତାରିଖ ରେ ଆସି ଓଡ଼ିଶା ବାଲେଶ୍ୱର ରେ ଥିବା ରୂପସା ଥାନା ଅନ୍ତର୍ଗତ ଗଡପଦା ଗ୍ରାମ ଓ ତାଙ୍କ ନିଜ ବାସଭବନ କାନ୍ଥରେ ନୋଟିସ ମାରିଥିଲେ । ଖବର ପ୍ରକାଶ ହେବା ପର୍ଯ୍ୟନ୍ତ ଅଭିଯୁକ୍ତ ଫେରାର ଅଛନ୍ତି।

## ଦାରୁ ଦେବତା - ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ଅନୁଷ୍ଠିତ

ଜୟପୁର, ୩୦/୬ (ନି.ପ୍ର): ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ ଜୟପୁରରେ ଦାରୁ ଦେବତା ପ୍ରଦର୍ଶନୀର ଚିତ୍ରଶିଳ୍ପୀ ମାନଙ୍କର ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭାରତୀୟ ଜାତୀୟ କଳା ଓ ଐତିହ୍ୟ ଟ୍ରଷ୍ଟର କୋରାପୁଟ ଆବାହକ ପ୍ରଫୁଲ ଚନ୍ଦ୍ର ମହାପାତ୍ର, ପରେଶ ରଥ ଉପସ୍ଥିତ ରହି ପରିଚାଳନା କରିଥିଲେ । ପ୍ରଦର୍ଶନୀରେ ମୋଟ ୪୦ଟି ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା । ଚିତ୍ରଶିଳ୍ପୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଆଲୁମିନି ତଥା ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନେ ରଥଯାତ୍ରା ଉପଲକ୍ଷେ ପ୍ରଭୁ ଜଗନ୍ନାଥଙ୍କ ଉପରେ ସୁନ୍ଦର କଳାକୃତି ଆଙ୍କିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆଲୁମିନି ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଶ୍ରୀକାନ୍ତ ବାରିକ, ଦିପକ ଦାଶ, ପଦ୍ମିନି ବେହେରା, ନିବେଦିତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର କର୍ମଚାରି କେ ସୁନିଲ କୁମାର, ସୁରେନ୍ଦ୍ର ବାଘ,ଶ୍ରୀ ଧର ରାଉତ ସହଯୋଗ କରିଥିଲେ ।

## ଜିଲ୍ଲାପାଙ୍କ ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଜୟପୁର, ୩୦/୬ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତିଭାସନଙ୍କ ଅଧକ୍ଷତାରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ମୋଟ ୪୦ ଗୋଟି ଆପତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧରୁ ୧୫ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୨୫ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା ।

## ମୟୂରଭଞ୍ଜ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବାରିପଦା , ୩୦/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠୀ ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଇଉ.ଭି.କେ କେନ୍ଦ୍ରର ସମ୍ପାଦକ ଜନ୍ ଜର୍କ୍ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଫୋର୍ଡ ର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ମଞ୍ଚ ପରିଚାଳନା କରିଥିଲେ । କଳା ସଂସ୍କୃତି ମଞ୍ଚର ଉପସଭାପତି ହାଡ଼ିବନ୍ଧୁ କର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ମୁଖ୍ୟ ଅତିଥି ଡକ୍ଟର ସତ୍ୟଜିତ ନାୟକ ଡି.ଆଇ.ଜି ବାଲେଶ୍ୱର, ସ୍ୱତନ୍ତ୍ର ଅତିଥି ନେତ୍ରାନନ୍ଦ ମଲ୍ଲିକ ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ଯୋଗ ଦେଇ ଶ୍ରୀ ସେଠୀ ଙ୍କର ପ୍ରଚେଷ୍ଟା , ଉତ୍ସାହ , ପ୍ରେରଣା ଓ ଭଞ୍ଜମାଟି କଳାକାର ମାନଙ୍କ ହୃଦୟରେ ସବୁଦିନ ସ୍ମରଣୀୟ ହୋଇ ରହିବେ ବୋଲି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ କଳାକାର ମଞ୍ଚ, ପାଠାଗାର , ସ୍ୱେଚ୍ଛାସେବୀ ସଂଗଠନ ଓ ଜିଲ୍ଲା ପାଠାଗାରା କୁ ଆସୁଥିବା ଯୁବକ ଯୁବତୀ ମାନେ ଯୋଗ ଦେଇଥିଲେ । ଅତିଥିଙ୍କ ଦ୍ୱାରା ସଂସ୍କୃତି ଅଧିକାରୀଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏଥି ସହିତ ବିଭିନ୍ନ ସଂଗଠନ ମାନେ ଉପହାର ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ବିଭାଗର ସହକର୍ମୀ ବୃନ୍ଦ ଯୋଗଦେଇଥିଲେ। ସର୍ବଶେଷରେ ପ୍ରଦୀପ କୁମାର ଦାସମହାପାତ୍ର ସଂକଳ୍ପ ର ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଜଳକା ନଦୀରେ ବନ୍ୟା

ବସ୍ତା, ୩୦/୬ (ନି.ପ୍ର): ଜଳକା ନଦୀର ଜଳସ୍ତର ଧିରେଧିରେ କମିବାରେ ଲାଗୁଛି । ମଥାନୀ ଠାରେଅପରାହ୍ନ ୫ଟାରେ ଜଳସ୍ତର ୫.୪ମିଟର ପ୍ରବାହିତ ହେଉଛି । ହେଲେବସ୍ତା ବ୍ଲକର ବିଭିନ୍ନଗାଁ ପାଣି ଘେରରେ ଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟକି ରନ୍ଧା ଖାଦ୍ୟ ଏ ପର୍ଯ୍ୟନ୍ତ ପାଇପାରି ନାହାନ୍ତି । ଏହିଭଳି ଅଭିଯୋଗ ଆସିଛି ବାହାର୍ଦ୍ଦାପଞ୍ଚାୟତ ଉପର ତାପଣ୍ଡା ବସ୍ତିରେ ୬୦ପରିବାର ଭୋକ ଉପବାସରେ ରହିଛନ୍ତି । ସେହିପରି ମଥାନୀ ପଞ୍ଚାୟତ ସାନଖୁଡି ହରିଜନ ସାହି ୪୦ପରିବାର ଓ କଟି ମଥାନୀ ଗାଁର ୩୦ପରିବାର ଜଳବନ୍ଧିରେ ରହିଛନ୍ତି । ଗାଁ ରାସ୍ତାରେ ୪ଫୁଟ ପାଣିର ସୂଅ ଛୁଟିଛି । ଚୁଲିରେ ପାଣି ପଶିଜିବାରୁ ରୋଷେଇ ବନ୍ଦ ହୋଇଛି । ରାଜନୈତିକ ନେତା ବା ବ୍ଲକ ପ୍ରଶାସନ ଏପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ । ବସ୍ତା ବିଧାୟୀକା ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଯାଇଛନ୍ତି । ଜଳକା ନଦୀରେ ମଥାନୀ ଛକନିକଟରେ ନୂତନ ପକ୍କା ପୋଲ ପାଖ ଅତଡା ଖସିବାରୁ ଇରିଗେସନ ଡିପାଟମେଣ୍ଟ ପକ୍ଷରୁ ପୋତପୋତି ପଥର ଓ ବାଲିବସ୍ତା ପକା ଯାଉଛି । ମଥାନୀ ପଞ୍ଚାୟତରୁ ବାସୁଚକୁରୀ ଆରଡିରାସ୍ତା ଧାନହଣ୍ଟ ଜନ୍ତାଳ ନିକଟରେ ୧୦୦ଫୁଟ ଘାଇ ମେଲିଯାଇଥିବା ବେଳେ ୭ଫୁଟରୁ ଅଧିକ ବନ୍ୟାଜଳ ପ୍ରବାହିତ ହେଉଛି ଯାହାଫଳରେ ଯାତାୟତ ବନ୍ଦ ହୋଇଯାଇଛି । ବାହାର୍ଦ୍ଦା ଚଟାଣରେ ବନ୍ୟା ପାଣି କମିବା ଫଳରେ ଯାତାୟତ ସୋଭାବିକ ହୋଇଛି । ହେଲେ କୁଡିଆ ପଞ୍ଚାୟତର ଜମାଳପୁର ବେଲା ମାଛରଙ୍କା ପେଗରପଡା ଧଳସାହି ସମେତ ମଥାନୀ ବାସୁଚକୁରୀ ଦରଡା ମୁକୁଲିସ ପଞ୍ଚାୟତ ର ଗାଁ ଗୁଡିକରେ ଚାଷୀ ମାନେ ଧାନଚାଷପାଇଁ ବିହୋନ ତଳି ପକାଇଥିଲେ ହେଲେ ବନ୍ୟା ପାଣି ନିସ୍କାସନ ନହେଲେ ତଳି ପଚିଯିବ ବୋଲି ଚାଷୀ ମାନଙ୍କ ମଧ୍ୟରେ ଭାଳେଣି ପଡିଛି । ଇରିଗେସନ ଡିପାଟ ମେଣ୍ଟଯନ୍ତ୍ରୀ ମହେଶ୍ୱର ସିଂ ଉପସ୍ଥିତ ନଦୀର ଦୁଇପାର୍ଶ୍ୱ ଭେଡିବନ୍ଧ ସୁରକ୍ଷିତ ହଖିବା ପାଇଁ ସଜାଗ ଅଛନ୍ତି । ତେବେ ଜଳବନ୍ଦିରେଥିବା ଲୋକଙ୍କୁ ଖାଦ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

## ତିହିଡିଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଜନଶୁଣାଣି ଶିବିର

ଭଦ୍ରକ, ୩୦/୬ (ନି.ପ୍ର): ଭଦ୍ରକ ଜିଲ୍ଲାର ତିହିଡି ବ୍ଲକର ପଞ୍ଚାୟତ ସମିତି କାର୍ଯ୍ୟଳୟ, ତିହିଡିଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଶ୍ରୀ ଦିଲିପ ରାଉତରାଏ ଙ୍କ ସହିତ ଆରକ୍ଷୀ ଅଧିକାରୀ ଶ୍ରୀ ମନୋଜ ରାଉତ, ତିହିଡି ବ୍ଲକ ଚେୟାରପର୍ସନ ଅବନ୍ତି ଦାସ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ , ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ସୁଧି ରଂଜନ ନାୟକ,ମୃଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ,ଗୋଷ୍ଠି ଉନ୍ନୟନ ଅଧିକାରି ଶ୍ରୀ ନିରଞ୍ଜନ ବାରିକ,ତହସିଲଦାର ଶ୍ରୀ ଜୟଦର୍ଥ ଆଚାର୍ଯ୍ୟ, ଡେପୁଟି କଲେକ୍ଟର ଶ୍ରୀ ଜ୍ଞାନରଞ୍ଜନ ସାହୁ ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ମାନ ନେଇଥିଲେ। ଫଟୋ ଅଛି ଭଦ୍ରକ ୩୦ପ୬ପ୨୫ ଆଜିର ଜନଶୁଣାଣୀ ଶିବିରରେ ମୋଟ ୧୨୧ ଆବେଦନ ପତ୍ର ଦାଖଲ ହୋଇଥିଲା । ସେଥିରୁ ୧୦୦ ଟି ବ୍ୟକ୍ତିଗତ ଥିଲାବେଳେ , ୧୮ଟି ସାମୁହିକ ଥିଲା । ରେଡକ୍ରସ ରୁ ଦୁଇ ଜଣଙ୍କୁ ୧୦୦୦୦ ଟଙ୍କା ପ୍ରଦାନ କରାଯାଇଥିଲା ।

## ଜାତୀୟ ରାଜପଥ ସମ୍ପ୍ରସାରଣ : ପ୍ରଶାସନ ପକ୍ଷରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ଧର୍ମଶାଳା, ୩୦/୬ (ନି.ପ୍ର): ଜାତୀୟ ରାଜପଥ ସମ୍ପ୍ରସାରଣରେ ଜବର ଦଖଲ ବାଧକ ସାଜିଥିଲା । ବର୍ଷ ବର୍ଷ ଧରି କିଛି ମୁଷ୍ଟିମେୟ ବ୍ୟକ୍ତି ସରକାରୀ ଜମିରେ ଜବର ଦଖଲ କରି ସେଠାରେ ବହୁ ଘର ଓ ଦୋକାନ କରି ରହି ଆସୁଥିଲେ । ଜାତୀୟ ରାଜପଥ ସମ୍ପ୍ରସାରଣରେ ବିଳମ୍ବ ହେବାରୁ ଆଜି ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି । ଯାଜପୁର ଜିଲା ଦର୍ପଣ ତହସିଲ ଅଧିନ ବେଣାପୁର ଓ ବାଲିଚନ୍ଦ୍ରପୁରର ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ପାଶ୍ୱର୍ରେ ବହୁ ଲୋକେ ଜବରଦଖଲ କରି ସେଠାରେ ବେଆଇନ ଭାବେ ଦୀର୍ଘ ଦିନ ହେବ ଘର ଓ ଦୋକାନ ଗୃହ ନିର୍ମାଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବନ୍ୟାରେ ଉବୁଟୁବୁ ଉତ୍ତର...

ଉବୁଟୁବୁ ବାଲେଶ୍ୱର ଜିଲ୍ଲାର ୬ଟି ବ୍ଲକ୍। ଏ ଦୃଶ୍ୟ ବାଲେଶ୍ୱର ସହରର। ବୁଢାବଳଙ୍ଗ ନଦୀରେ ଆସିଥିବା ଭୟଙ୍କର ବନ୍ୟା ପରେ ନାକେଦମ୍ ହୋଇଛି ବାଲେଶ୍ୱର। ଆକାଶ ମାର୍ଗରୁ ଉତ୍ତୋଳିତ ଏ ଚିତ୍ର ହିଁ ବୟାନ କରୁଛି ବନ୍ୟାର ଭୟାବହତା। ବଢ଼ିର ଆଁ ଭିତରେ ବୁଡ଼ି ଯାଇଛି ଘରଦ୍ୱାର, ଆଉ କେଉଁଠି ଘରର ଛାତକୁ ଛୁଇଁ ଯାଇଛି ବନ୍ୟାଜଳ। ଇଏ ସହରର ୧୨ ନମ୍ବର ୱାର୍ଡ। କାଲି ରାତିରେ ଘର ଆଗରେ ଅଣ୍ଟାଏ ଉଚ୍ଚର ପାଣି ଛିଡ଼ା ହେବା ପରେ ଜଳବନ୍ଦୀ ଅବସ୍ଥାରେ ଲୋକେ। ପାଣିର ପ୍ରକୋପ ବଢୁଥିବାରୁ ନାଁ ଘରୁ ବାହାରି ହେଉଛି, ନାଁ କିଛି ଉପାୟ ଚିନ୍ତା କରି ହେଉଛି। ସେପଟେ ନଦୀ ଉପରମୁଣ୍ଡର ପାଣି ଆଉ ତଳମୁଣ୍ଡରେ ବର୍ଷା ପରେ ସପ୍ତାହକ ପରେ ପୁଣି ଥରେ ଫୁଲିଛି ସୁବର୍ଣ୍ଣରେଖା। ଆଉ ଥରେ ବନ୍ୟାର ପ୍ରଭାବ ପଡ଼ିଛି ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକ ଉପରେ। ଏଇ ୪ଟି ବ୍ଲକର ପ୍ରାୟ ୩୦ରୁ ଅଧିକ ପଂଚାୟତରେ ପାଣି ପଶିବା ପରେ ପ୍ରଭାବିତ ହୋଇଛନ୍ତି ହଜାର ହଜାର ଲୋକ। ଘରେ ପାଣି ପଶିଥିବାରୁ ଖାଇବା ପିଇବା ଭୁଲି ଉଚ୍ଚା ଯାଗାରେ ଆଶ୍ରୟ ନେଇଛନ୍ତି ବନ୍ୟା ବିପନ୍ନ। ସପ୍ତାହେ ତଳେ ବନ୍ୟା କବଳରୁ ମୁକୁଳି ଯାଇ ଟିକେ ଆଶ୍ୱସ୍ତ ହେବା ବେଳକୁ ପୁଣି ଦାଉ ସାଧିଛି ପ୍ରକୃତି। ଏପଟେ ସୋମବାର ଅପରାହ୍ନ ୪ଟା ସୁଦ୍ଧା ରାଜଘାଟଠାରେ ସୁବର୍ଣ୍ଣରେଖା ବିପଦ ସଙ୍କେତ ଉପରେ ପ୍ରଭାବିତ ହେଉଛି। ତେଣୁ ବନ୍ୟା ସ୍ଥିତି ଆଗକୁ ଆହୁରି ସଙ୍ଗୀନ ହେବା ଅନୁମାନ କରାଯାଉଛି। ଯାହାକୁ ନେଇ ଭୟ ଆଉ ଆଶଙ୍କା ଭିତରେ ବନ୍ୟା ଦୁର୍ଗତ। ତେଣେ ଜଳକାରେ ବନ୍ୟା ପରେ ବାଲେଶ୍ୱର ବସ୍ତା ବ୍ଲକରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି ହୋଇଛି ୮ରୁ ଅଧିକ ପଞ୍ଚାୟତ। ବନ୍ୟା ଦାଉରୁ ବାଦ୍ ପଡ଼ିନି ବସ୍ତା ଥାନା ଏବଂ ଏସଡିପିଓ ଅଫିସ। ଏ ଦୁଇ ସରକାରୀ ଅଫିସରେ ଲହଡି ଭାଙ୍ଗିଛି ୩ ଫୁଟ ଉଚ୍ଚର ବନ୍ୟା ଜଳ। ସେହିଭଳି ବସ୍ତା ବ୍ଲକର ଶହ ଶହ ହେକ୍ଟର ଚାଷ ଜମିକୁ ବୁଡାଇ ରଖିଛି ବନ୍ୟା। ଅପରାହ୍ନ ୪ଟା ସୁଦ୍ଧା ମଥାନୀଠାରେ ଜଳକା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ନଦୀ କୂଳିଆ ଲୋକଙ୍କ ମନରେ ଛାନି ପଶିଛି। ସପଟେ ଜଳକା ବନ୍ୟାରେ ପ୍ରଭାବିତ ହୋଇଛି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକର କିଛି ଅଞ୍ଚଳ। ସେପଟେ ଝାଡ଼ଖଣ୍ଡରେ ଅଧିକ ବର୍ଷା ଯୋଗୁଁ ଆଗକୁ ସୁରର୍ଣ୍ଣରେଖାର ଜଳସ୍ତର ବଢିବା ନେଇ ଅନୁମାନ କରିଛନ୍ତି ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ। ଏପଟେ ଉତ୍ତର ଓଡ଼ିଶାର ସମ୍ଭାବ୍ୟ ବନ୍ୟା ସ୍ଥିତିର ସମୀକ୍ଷା ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିବା କହିଛ

ମଙ୍ଗଳବାର, ଜୁଲାଇ ୦୧, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବାସୁଦେବପୁର, ୩୦/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଗାଁ ପଞ୍ଚାୟତର ଭାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ବରେଣ୍ୟ ପ୍ରଧାନ ଶିକ୍ଷକ ରାଜ କିଶୋର ବାରିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଭାରପ୍ରପ୍ତ ପ୍ରଧାନ ଶିକ୍ଷୟତ୍ରୀ ହିମାଦ୍ରି ନନ୍ଦିନୀ ମିଶ୍ର ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଏ ବି ଇ ଓ ତପନ କୁମାର ଦ୍ୱିବେଦୀ, ଉର୍ମିଳା କର, ଶିକ୍ଷାବିତ୍ କମଳାକାନ୍ତ ପାଢ଼ୀ, ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୀକ୍ଷିତ, ସି ଆର ସି ସି ଅଭିଷେକ ପାତ୍ର, ସମିତି ସଭ୍ୟା ପ୍ରମିଳା ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବୁରାମ ଜେନା, ପୂର୍ବତନ ସମିତି ସଭ୍ୟ ଗୁରୁ ପ୍ରସାଦ ମହାନ୍ତି, ରମା ମଣି ପଣ୍ଡା, କିଶୋର ଚନ୍ଦ୍ର ଦାଶ, ଜୟନ୍ତ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଓ ବିଦାୟୀ ପ୍ରଧାନ ଶିକ୍ଷକ ରାଜ କିଶୋର ବାରିକଙ୍କ ଶିକ୍ଷା ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ରାଜ କିଶୋର ବାରିକଙ୍କୁ ମାନପତ୍ର, ଉପଢୌକନ ଓ ବିଭିନ୍ନ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ଛାତ୍ରୀମାନେ ବିଭିନ୍ନ ଉପହାର ପ୍ରଦାନ କରିଥିଲେ ଓ ସଂକ୍ଷିପ୍ତରେ ରାଜ କିଶୋର ସାର୍‌ଙ୍କ ପାଠ ପଢା ଶୈଳୀ,ସ୍ନେହ ଶ୍ରଦ୍ଧା ଓ ଭଲ ପାଇବାକୁ ବର୍ଣ୍ଣନା କରିଥିଲେ ବରିଷ୍ଠ ଶିକ୍ଷକ ଓ କବି ଗୟାଧର ଦାସ ମଞ୍ଚ ସଂଯୋଜନା କରିଥିଲେ। ଅଳକ ବେହେରା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳେଶ୍ୱରର ବନ୍ୟା ଅଞ୍ଚଳ ପରିଦର୍ଶନ ପାଇଁ ବୁଲିଲେ ରାଜସ୍ୱ କମିଶନ କେନ୍ଦ୍ରାଞ୍ଚଳ ଡିଭିଜନ

ଜଳେଶ୍ୱର , ୩୦/୬ (ନି.ପ୍ର): ସୁବର୍ଣ୍ଣରେଖା ନଦୀ ର ଉପର ମୁଣ୍ଡ ରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ଝାଡଖଣ୍ଡ ର ଗାଲୁଡିହ ବ୍ୟରେଜ୍ ଜଳ ପତନ ବୃଦ୍ଧି ପାଇଥିଲା ଫଳରେ କତୃପକ୍ଷ ୮ ଟି ଗେଟ୍ ଖୋଲି ୬ ଲକ୍ଷ କ୍ୟୁସେକ ପାଣି ଛାଡିଥିଲେ। ଏହି କାରଣ ରୁ ସୁବର୍ଣ୍ଣରେଖା ନଦୀ ରେ ଭୟାନକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବନ୍ୟା ରେ ଜଳେଶ୍ୱର ବ୍ଲକ୍ ର ବ୍ୟାପକ ଅଞ୍ଚଳ ବନ୍ୟାପ୍ଲାବିତ ହୋଇ କ୍ଷୟ କ୍ଷତି ହେବା ଶହ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି । ଏହି ଖବର ଲେଖା ହେବା ବେଳକୁ ଅର୍ଥାତ୍ ଅପରାହ୍ନ ଗୋଟାଏ ରୁ ୧୧.୫୬ ମିଟର ସ୍ଥିର ରହି ଜଳପଉନ ଖସିବା ଆରମ୍ଭ କରିଥିଲା ଅପରାହ୍ନ ୫ ଟା ସୁଦ୍ଧା ୧୧.୪୭ ମିଟର ରେ ପ୍ରବାହିତ ହେଉଛି। ନଦୀକୂଳିଆ ପଂଚାୟତ ମାକୀଡିଆ, ଖୁଦିଆ ମାଝୀସାହି, ରାୟାରାମପୁର , ପାଇକସିଦା ,ପଶ୍ଚିମବାର୍ଡ, ବାଇଗଣବାଡିଆ ର ପଂଚାୟତ ର ଗାଁ ଗୁଡ଼ିକ ରବିବାର ରାତି ଠାରୁ ପାଣି ଘେରରେ ରହିଛନ୍ତି ଫଳରେ ବିଭିନ୍ନ ପଂଚାୟତ କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେଇଛି ଏହି କାରଣ ରୁ ବ୍ଲକ୍ ର ବହୁ ଗାଁ ବାହ୍ୟ ଜଗତ ରୁ ବିଚ୍ଛିନ୍ନ ହୋଇଛି। ବନ୍ୟା ପ୍ଲାବିତ ଗାଁ ଗୁଡ଼ିକରେ ଯୋଗାଯୋଗ ବିଚ୍ଛିନ୍ନ ସହିତ ବିଭିନ୍ନ ପରିବା ଚାଷ ଏବଂ ଧାନ ତଳି ପାଣି କ୍ଷତି ଗ୍ରସ୍ତ ହୋଇଛି। ଏ ନେଇ ଆଜି ସକାଳ ସମୟ ରେ ବନ୍ୟାଅଞ୍ଚଳ ପରିଦର୍ଶନ ପାଇଁ ଆସି ପହଞ୍ଚିଛନ୍ତି କଟକସ୍ଥିତ କେନ୍ଦ୍ରାଞ୍ଚଳ ଆରଡିସି ବି. ପରମେଶ୍ୱରନ ଏବଂ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶି ମୟୂରବିକାଶ ଏବଂ ଜଳେଶ୍ୱର ପୌରପାଳିକା ଅଧିକାରୀ ହେମନ୍ତ କୁମାର ସିଂ ଜଳେଶ୍ୱର ପୌରପାଳିକା ର ୱାର୍ଡ ନମ୍ବର ୭ ଶାସନବାର୍ଡ ୱାର୍ଡ ନମ୍ବର ୧୩ ନନ୍ଦୀକା, ଚୁଡ଼ାମଣିପୁର ପରିଦର୍ଶନ କରିଥିଲେ । ସେହିପରି ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୁଧାକର ନାୟକ ,ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଏବଂ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ପଶ୍ଚିମବାର୍ଡ, ବାଇଗଣ ବାଡିଆ ପଂଚାୟତର ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକ ଙ୍କୁ ଭେଟି ଥିଲେ। କରିଛନ୍ତି ।ଜଳସମ୍ପଦ ବିଭାଗ ର ଓଡ଼ିଶା ଇଞ୍ଜିନିୟର ଇନ୍ ଚିଫ ମୁକୁଲଚନ୍ଦ୍ର ବ୍ରା ରାଜଘାଟ ଠାରେ ସୁବର୍ଣ୍ଣରେଖା ନଦୀ ର ବନ୍ୟା ସ୍ଥିତି ଅନୁଧାନ କରିଛନ୍ତି। ଜଳେଶ୍ୱର ବ୍ଲକ୍ ପ୍ରଶାସନ ତରଫରୁ ଖୁଦିଆମାଝୀ ସାହି ପଂଚାୟତ ରେ ତୋଟାପଡ଼ାରେ ୧୨ ଜଣ ଲୋକଙ୍କୁ ଉଦ୍ଧାର ସହିତ ସେମାନଙ୍କୁ ତୋଟାପୋଡ଼ା ପ୍ରାଥମିକ ବିଦ୍ୟାଳୟ ରେ ରନ୍ଧାଖାଦ୍ୟ ଯୋଗେଇ ଦିଆଯାଇଛି । ଏ ନେଇ ଜଳେଶ୍ୱର କଂଗ୍ରେସ ର ଏକ ଟିମ୍ ରାଜୀବ ପରିଡା, ଗିରିଜା ଶଙ୍କର ଦାସ, ସବ୍ୟସାଚୀ ଦାସ୍, ବାବୁଲି ମାଝୀ, ଦିବାକର ପାଲ ପାଇକସିଦା ପଞ୍ଚାୟତର ବନ୍ୟା ଅଞ୍ଚଳ ପରିଦର୍ଶନ କରି ଲୋକ ଙ୍କୁ ଭେଟି ଥିଲେ।

## ୧୧ତମ ରେମୁଣା ନବମାତୃକା ପୂଜା ପାଇଁ ପ୍ରସ୍ତୁତି ବୈଠକ

ରେମୁଣା, ୩୦/୬ (ନି.ପ୍ର): ଚଳିତ ବର୍ଷ ୧୧ତମ ରେମୁଣା ନବମାତୃକା ପୂଜା ପାଇଁ ରେମୁଣାର ଗୌରୀଶଙ୍କର କଲ୍ୟାଣ ମଣ୍ଡପରେ କମିଟିର ସଭାପତି ଡ ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆବାହକ ଶିଳ୍ପୀ କେଶୁଦାସ ନବମାତୃକା ପୂଜାର ବିଗତ ବର୍ଷର ବିବରଣୀ ଦେବା ସହ ଚଳିତ ବର୍ଷର ଆଭିମୁଖ୍ୟ ରଖିଥିଲେ। ବୈଠକର ସିଦ୍ଧାନ୍ତ ମତେ ଚଳିତ ବର୍ଷ ଅକ୍ଟୋବର ୧ ତାରିଖରେ ମହାନବମୀ ତିଥିରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେଉଁଝର ଜିଲ୍ଲାକୁ ଉତ୍ତର ଓଡ଼ିଶାର ମହିୟସୀ ଓ ଗରିୟସୀ ନଅଜଣ ମାଆଙ୍କୁ ବିଗତ ବର୍ଷ ପରି ପାରମ୍ପରିକ ରୀତିରେ ପୂଜା କରାଯିବ । ଏଥିସହ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇ ଓଡ଼ିଶା ସରକାରଙ୍କ ମୁଖ୍ୟ ଉପସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଙ୍କୁ ମୁଖ୍ୟ ଉପଦେଷ୍ଟା ଭାବରେ ସିଦ୍ଧାନ୍ତ ନିଆଯାଇଥିବା ବେଳେ ଉପ ସଭାପତି ଭାବେ ଧୀରେନ୍ଦ୍ର ନାଥ ମହାପାତ୍ର, ଗିରୀଶ କୁମାର ଷଡଙ୍ଗୀ, ବାସନ୍ତୀ ଦାସ ଓ କମଳାକାନ୍ତ ଦାସ ମନୋନୟନ କରାଯାଇଛି। ସେହିପରି ସମ୍ପାଦକ ଭାବେ ଶିଳ୍ପୀ କେଶୁ ଦାସ ଓ ସହ ସମ୍ପାଦକ ଭାବେ ବଂଶୀଧର ଦଳେଇ ମନୋନୀତ ହୋଇଛନ୍ତି। ଏହି ବୈଠକରେ ପ୍ରଭାକର ସାହୁ, ସୁନାମଣି ଜେନା, ଅଜୟ ବାରିକ, ଯଦୁନାଥ ଗିରି, ପ୍ରଦୀପ ଗିରି, ତପନ କୁମାର ଦାସ, ପଦ୍ମଲୋଚନ ପଣ୍ଡା, ହୀରାଲାଲ ପାକଳ, ହରେକୃଷ୍ଣ ଗିରି, ଶ୍ରୀକାନ୍ତ ଦାସ, ସୁଧାକର ସେଠୀ, ଷ୍ଟାଲିନ ମିଶ୍ର, ପ୍ରଦୀପ ମିଶ୍ର, ଦେବାଶିଷ ପତି, ଶୁଭମ ରାଉତ, ସନ୍ତୋଷ ପଣ୍ଡା, ଅସୀତ ଦାସ ମଙ୍ଗରାଜ, ରଜତ ନାୟକ,, ବନମାଳୀ ସାହୁ ଓ ଯୋଗେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ଥିବା ବେଳେ ରାଧା ରଞ୍ଜନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ସାରିଆରେ ହୁଲମାହାଁ ଦିବସ ପାଳିତ

ବେତନଟୀ , ୩୦/୬ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ସାରିଆ ଗ୍ରାମରେ ସାର୍ନା ଗାଦେଲ ସେମଲେଦ ଓ ସାରାଓ୍ୱନା ସଂଗୀତ ଏକାଡେମୀ ତରଫରୁ ସାରିଆ ଗ୍ରାମ ମାଝୀବାବା ରାମଦୟାଲ ମାର୍ଣ୍ଡିଙ୍କ ସଭାପତିତ୍ୱରେ ହୁଲମାହାଁ ଦିବସ ପାଳିତ ହୋଇଅଛି ଓ ଆଦିବାସୀ ନରନାରୀ ତଥା ସାରଓ୍ୱାନା ସଂଗୀତ ଏକାଡେମୀରୁ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ଓ ସଭାପତି ଶ୍ରୀ ମାର୍ଣ୍ଡି ବକ୍ତବ୍ୟରେ ଭାରତର ମହାନ ଯୋଦ୍ଧା ସ୍ୱାଧୀନତା ସଂଗ୍ରାମୀ ସିଧୁ ମୁର୍ମୁ, କାନ୍ହୁ ମୁର୍ମୁ, ଚାନ୍ଦ, ଭାଇରୋ, ଫୁଲ, ଝାନ ମୁର୍ମୁ ତଥା ଅନ୍ୟମାନେ ୧୮୫୫ ମସିହାରେ ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିଥିଲେ ଏବଂ ମା ' ମାଟିକୁ ରକ୍ଷା ପାଇଁ ନିଜେ ସହୀଦ ହୋଇଯାଇଥିଲେ କିନ୍ତୁ ଇଂରେଜ ଆଗରେ ହାର ମାନିନଥିଲେ ଇ ତେଣୁ ତାଙ୍କ ସ୍ମରଣ ଉଦ୍ୟେଶରେ ହୁଲ ମାହାଁ ଦିବସ ଭାବେ ପାଳନ କରାଯାଏ ଓ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ଶ୍ରୀ ସୂର୍ଯ୍ୟାନନ୍ଦ ସୋରେନ, ଅଲିଚିକ ଶିକ୍ଷକ ହିକିମ କିସ୍କୁ, ୱାର୍ଡ ମେମ୍ବର ବାସ୍ତୁ ମାର୍ଣ୍ଡି, ଶିକ୍ଷୟିତ୍ରୀ ବାଙ୍କୀ ସୋରେନ, ମାଲହ ମୁର୍ମୁ,ରାଣୀବତୀ ବେଶ୍ରା ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ ଶେଷରେ ଶ୍ରୀ ଅନନ୍ତ ବେଶ୍ରା ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ବାରିପଦା , ୩୦/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସୟଙ୍କ ଅଧକ୍ଷତାରେ ଆଭାସୀ ମାଧ୍ୟମରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।ପ୍ରାରମ୍ଭ ରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ବିଶ୍ୱରାଜ ବେହେରା ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ସଡ଼କ ସୁରକ୍ଷା ସମ୍ପର୍କିତ ମାର୍ଚ୍ଚ ରୁ ମଇ -୨୦୨୫ ମାସର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଉକ୍ତ ବିବରଣୀ ଅନୁଯାଇ ଆର ଟି ଓ ଙ୍କ ଦ୍ୱାରା ପ୍ରବର୍ତ୍ତନ ଜରିଆରେ ଯାଞ୍ଚ କରାଯାଇ ସଡ଼କ ଦୁର୍ଘଟଣା ପ୍ରତିରୋଧ ସମ୍ପର୍କିତ ବିଭିନ୍ନ ଆଇନ ଉଲଂଘନକାରୀ ଗାଡି ଚାଳକଙ୍କୁ ଯଥା ଦ୍ରୁତ ଗତି ଗାଡି ଚାଳନା ପାଇଁ ୩୧୨୧ ଜଣ, ବିନା ହେଲମେଟ ରେ ୧୦୭୫ ଜଣ, ବିନା ସିଟ ବେଲ୍ଟରେ ୫୧୦ଜଣ, ମୋବକ୍ଷଇଲ ଫୋନ ବ୍ୟବହାର ପାଇଁ ୧୧୨ଜଣ, ନିଶାଶକ୍ତ ହୋଇ ଗାଡି ଚାଳନା ପାଇଁ ୭୭ ଜଣ, ଓଭର ଲୋଡିଙ୍ଗ ପାଇଁ ୩୯ ଜଣ, ଟ୍ରିପଲ ରାଇଣ୍ଡିଙ୍ଗ ପାଇଁ ୯୨ଜଣ, ଭୁଲ ପାର୍ଶ୍ୱରେ ଗାଡି ଚାଳନା ପାଇଁ ୪୬ ଜଣ, କିଶୋର ବୟସ୍କ ଡ୍ରାଇଭିଂ ପାଇଁ ୦ ଜଣ, ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ରେ ଭୁଲ ସ୍ଥାନରେ ପାର୍କିଙ୍ଗ ପାଇଁ ୭୨୨ଜଣ, ମୋଟର ଯାନ ଆଇନ ର ଧାରା ୦୪୪ ଉଲଘଂନ ପାଇଁ ୨୮ଜଣ ଓ ଅନ୍ୟାନ୍ୟ କେଶ ରେ ଚିହ୍ନିତ ୧୩୨୮୪ ଜଣଙ୍କୁ ଧରାଯାଇ ୭୩୮୬ଟି ଇ ଚାଲାଣ ମାଧ୍ୟମ ରେ ୫୭୭ ଟି ଡ୍ରାଇଭିଂ ଲାଇସେନ୍ସ କାର୍ଯ୍ୟତ୍ୟୁତ ପାଇଁ ଜବଦ ସହିତ ୩୫ ଟି ଯାନ କୁ ସିଜ କରାଯାଇ ମୋଟ ଟ। ୩୩୯୭୬୧୦ ଙ୍କା ଜରିମାନା ଆଦାୟ ହୋଇଛି ବୋଲି ଉଲ୍ଲେଖ କରିଥିଲେ। ସେହିପରି ପୋଲିସ ବିଭାଗ ତରଫରୁ ତନଖି କରାଯାଇ ଗାଡି ଚାଳନା ସମୟରେ ଦ୍ରୁତ ଗତି ରେ ଗାଡି ଚାଳନା ପାଇଁ ୭ ଜଣ, ବିନା ହେଲମେଟ ପାଇଁ ୬୦୦୭ ଜଣ, ବିନା ସିଟବେଲ୍ଟ ପାଇଁ ୧୮୯୯ ଜଣ, ମୋବକ୍ଷଇଲ ଫୋନ ବ୍ୟବହାର ପାଇଁ ୩୦୯ ଜଣ, ନିଶାଶକ୍ତ ହୋଇ ଗାଡି ଚାଳନା ପାଇଁ ୧୫୦ ଜଣ, ପାର୍କିଙ୍ଗ ପାଇଁ ୨୧୨୩ଜଣ ଙ୍କୁ ଧରା ଯାଇ ୩୫ଟି ଡ୍ରାଇଭିଂ ଲାଇସେନ୍ସ ଜବଦ କରାଯାଇ କାର୍ଯ୍ୟାଚ୍ୟୁତ ପାଇଁ ଆର ଟି ଓ ଙ୍କ ପାଖକୁ ପଠାଯିବା ସହିତ ୧୧୨ ।୦୭ଲକ୍ଷ ଜରିମାନା ଆଦାୟ ହୋଇଛି। ସେହିପରି ଏଇ ଦୁଇ ମାସରେ ଘଟିଥିବା ୧୮୦ଟି ସଡ଼କ ଦୁର୍ଘଟଣା ରେ ୧୨୩ ଜଣ ମୃତ୍ୟୁ ବରଣ କରିଛନ୍ତି ଏବଂ ୧୮୮ ଜଣ ଆହତ ହୋଇଥିଲେ ବୋଲି ଉଲ୍ଲେଖ କରିଥିଲେ। ଜିଲ୍ଲାପାଳ ଉକ୍ତ ବିବରଣୀ ର ସମୀକ୍ଷା ପୂର୍ବକ ସଡ଼କ ଦୁର୍ଘଟଣା କୁ ରୋକିବା ପାଇଁ ଜାତୀୟ ରାଜପଥ ନମ୍ବର ୧୮ ଓ ୪୯ ରେ ବ୍ଲାକ ସ୍ପଟ ଚିହ୍ନିତ ସଡ଼କ ର ତୁରନ୍ତ ପ୍ରତିକାର କରିବା ପାଇଁ ଜାତୀୟ ରାଜପଥ କତୃପକ୍ଷ ଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ରାଜ୍ୟ ରାଜପଥ ନମ୍ବର ୫୩ରେ ବ୍ଲାକ ସ୍ପଟ ଚିହ୍ନିତ ସଡ଼କ ର ମରାମତି ଦିଗରେ ପଦକ୍ଷେପ ନେବାପାଇଁ ରାଜ୍ୟ ରାଜପଥ କତୃପକ୍ଷ ଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଜାତୀୟ ରାଜପଥ ର ଉଭୟ ପାର୍ଶ୍ୱ ରେ ଢ଼ାବା ଇତ୍ୟାଦି ମାନଙ୍କ ଦ୍ୱାରା ହେଉଥିବା ବେଆଇନ ଅବରୋଧ କୁ ଉଚ୍ଛେଦ ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ।ଏଥିସହିତ ରାଜପଥ କୁ ସଂଲଗ୍ନ ହୋଇଥିବା ବିଦ୍ୟାଳୟ ଗୁଡିକ ର ଏକ ତାଲିକା ପ୍ରସ୍ତୁତ କରିବା ସହ ବିଦ୍ୟାଳୟ ପରିବହନ କମିଟି ଗଠନ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ପୋଲିସ ଓ ପରିବହନ ବିଭାଗ ଦ୍ୱାରା ଯୁଗ୍ମ ପ୍ରବର୍ତ୍ତନ କୁ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ।

## ଭଦ୍ରକରେ ବିଶ୍ୱ କର୍ତବ୍ୟ ଦିବସ ପାଳିତ

ଭଦ୍ରକ, ୩୦/୬ (ନି.ପ୍ର): ଅପରାହ୍ନ ୪ ଘଟିକା ସମୟରେ ଏଲଖା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ କର୍ତବ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତତ୍ପରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼. ରାମଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା ଭାବେ କୃଷି କବି ଇଂ ଅରୁଣ ପାତ୍ର, ସମ୍ମାନିତ ଅତିଥି ଭାବରେ ସମାଜସେବୀ ଜଗନ୍ନାଥ କର, କଳିଙ୍ଗ ଟି.ଭି.ର ଜିଲ୍ଲା ପ୍ରତିନିଧି ନରେନ୍ଦ୍ର ସାମଲ ଯୋଗଦେଇଥିଲେ ।

## କାର ଧକ୍କାରେ ବ୍ୟାଟେରୀ ଚାଲିତ ଅଟେ ଚୁରମାର

ବେତନଟୀ, ୩୦/୬ (ନି.ପ୍ର): ବେତନଟୀ ଥାନା ଅଧୀନ ୧୮ନମ୍ବର ଜାତୀୟରାଜପଥ କାଠପାଳ ଓ୍ୱିମିଂମିଲ ଠାରେ ଆଜି ଅପରାହ୍ନରେ ଘଟିଯାଇଥିବା ଦୁର୍ଘଟଣାରେ ବ୍ୟାଟେରୀ ଚାଲିତ ଅଟୋ ଚୁରମାର ହୋଇଯାଇଥିବା ବେଳେ ଚାଳକ ଜଣକ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଘଟଣା ରୁ ପ୍ରକାଶ ଜେଏଚ-୦୧ବିଡବ୍ଲ୍ୟୁ - ୦୦୦୩ ନମ୍ବର ବିଶିଷ୍ଟ କାରଯୋଗେ ଝାଡଖଣ୍ଡ ରାଜ୍ୟର ରାଞ୍ଚି ଅଞ୍ଚଳର ଯୁବକ ଓ ଯୁବତୀମାନେ ପୁରୀ ରଥଯାତ୍ରାରୁ ରାଞ୍ଚି ଅଭିମୁଖେ ଆସୁଥିବା ବେଳେ ଅଟୋଚାଳକ ଜଣକ ନିଜର ବ୍ୟାଟେରୀ ଚାଳିତ ଅଟେ ରାସ୍ତା ପାର୍ଶ୍ୱରେ ରଖି ଜଙ୍ଗଲକୁ ଶୌଚ ହେବାକୁ ଯାଇଥିଲେ । ଏହି ସମୟରେ କୌଣସି କାରଣରୁ ଦୃତଗାମୀ କାର ଚାଳକ କାର ଉପରୁ ନିଜର ନିୟନ୍ତ୍ରଣ ହରାଇ ବସିବାରୁ ଭାରସାମ୍ୟ ହରାଇ କାରଟି ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଅଟୋକୁ ଧକ୍କାଦେଇ ଜଙ୍ଗଲ ଭିତରକୁ ପଶିଯାଇଥିଲା । କାର ଭିତରେ ଥିବା ଯୁବକ ଓ ଯୁବତୀମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତଙ୍କୁ ଉଦ୍ଧାରକରି ସ୍ଥାନୀୟଲୋକେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୂର୍ଣ ଚୁରମାର ହୋଇଯାଇଥିବା ଦୁର୍ଘଟଣାଗ୍ରସ୍ତ ବ୍ୟାଟେରୀ ଚାଳିତ ଅଟୋ ସମେତ କାରକୁ ଜବତକରି ତଦନ୍ତ ଆରମ୍ଭ କରିଛି ।

## ଆଦାନୀ ଓ ଇସ୍କନର ମିଳିତ ସହଯୋଗରେ ପୁରୀ ରଥଯାତ୍ରାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ

ପୁରୀ, ୩୦/୬ (ନି.ପ୍ର): ପ୍ରତିବର୍ଷ ପୁରୀ ରଥଯାତ୍ରା ଭାରତର ଆଧ୍ୟାତ୍ମିକ ଦୃଶ୍ୟପଟ ପରିବର୍ତ୍ତନ କରି ବିଶ୍ୱର ଲକ୍ଷ ଲକ୍ଷ ଭକ୍ତଙ୍କୁ ଆକର୍ଷିତ କରିଥାଏ। ୨୦୨୫ ମସିହାରେ ଏହି ଦୃଶ୍ୟପଟରେ ଭକ୍ତି, ସେବା ଏବଂ ସାମାଜିକ ଦାୟିତ୍ୱର ଏକ ମିଶ୍ରଣ ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ଆଦାନୀ ଗ୍ରୁପ ଏବଂ ଇସ୍କନ ମଧ୍ୟରେ ଏକ ଅନନ୍ୟ ସହଯୋଗ ସ୍ଥାପନ ହୋଇ ଶ୍ରଦ୍ଧାଳୁ ତଥା ସ୍ୱେଚ୍ଛାସେବୀମାନଙ୍କୁ ପ୍ରସାଦ ସେବନ କରାଇବାର ଦାୟିତ୍ୱ ତୁଲାଇଥିଲେ । ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ସେବା କରିବାର ଯେଉଁ ସରଳ ମନୋଭାବ ସୃଷ୍ଟି ହୋଇଥିଲା ତାହା ଶାରୀରିକ ଏବଂ ଆଧ୍ୟାତ୍ମିକ ସ୍ତରରେ ଏକ ହୃଦୟସ୍ପର୍ଶୀ ଅନୁଭୂତିରେ ପରିଣତ ହୋଇଥିଲା । ଗତ ୩ ଦିନ ହେଲା ରଥଯାତ୍ରାରେ ଆଦାନୀ ଗ୍ରୁପ ତଥା ଇସ୍କନର ମିଳିତ ସହଯୋଗରେ ଏହି ପ୍ରସାଦ ସେବା ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଛି । ଏହି ପ୍ରସାଦରେ ଅନ୍ନ, ଦହି ଭାତ, ରୁଟି, ପରିବା ତରକାରୀ, ଡାଲି, ପାୟସମ୍, ଗୁଲାବ୍ ଜାମୁନ, ଏବଂ ହାଲୱା ଆଦି ଅନ୍ତର୍ଭୁକ୍ତ ରହିଛି । ଏହା କେବଳ ଶ୍ରଦ୍ଧାଳୁମାନଙ୍କ ପେଟ ପୁରିବା ପାଇଁ ନୁହେଁ ବରଂ ଖରାରେ ଦୀର୍ଘ ବାଟ ଅତିକ୍ରମ କରି ଆସୁଥିବା ଲୋକଙ୍କ ପୁଷ୍ଟିକର ଆବଶ୍ୟକତାକୁ ମଧ୍ୟ ପୂରଣ କରିବାରେ ସାହାଯ୍ୟ କରିଥିଲା । ପ୍ରତ୍ୟେକ ଥାଳିରେ ପ୍ରାୟ ୭୦୦ ରୁ ୯୦୦ କ୍ୟାଲୋରୀ, ୨୦ ଗ୍ରାମରୁ ଅଧିକ ପ୍ରୋଟିନ ଏବଂ ଫାଇବର, ଭିଟାମିନ ଏବଂ ଅତ୍ୟାବଶ୍ୟକ ଖଣିଜ ତତ୍ତ୍ୱର ଏକ ପୌଷ୍ଟିକ ମିଶ୍ରଣ 